# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୪୯ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ବିଧାୟକ କଲୋନୀସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ୟୁଥ୍ ଫାର୍ମା ଫେଷ୍ଟିଭାଲ, ସ୍ଥାନ: ଦି ଇନ୍ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସ, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନାର ଆଲୋଚନାଚକ୍ର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକ ହତ୍ୟା ବିରୋଧରେ ଦେଶବ୍ୟାପୀ କଳା ଦିବସ ପାଳନ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଦଳିତ ଆଦିବାସୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ବୁଦ୍ଧ ବିହାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନ୍ୟୁଜ୍ ୧୮ ଓଡ଼ିଆର ବାର୍ଷିକୋତ୍ସବ, ସ୍ଥାନ: ୱେଲକମ୍ ହୋଟେଲ, ସମୟ: ଅପରାହ୍ନ ୪ଟା ୩୦।
- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୪ର୍ଥ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଓଡ଼ିଶୀ ଆସର', ସ୍ଥାନ: ଶ୍ରୀଲକ୍ଷ୍ମଣେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।
- ୨ୟ ଲୋକ ସଂସ୍କୃତି ମହୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଫେସର ଗୋପେନ୍ଦ୍ର କିଶୋର ରଏଙ୍କ ପୁସ୍ତକ 'ଏ ଜର୍ଣ୍ଣି ଅଫ୍ ଲାଇଫ୍ ଉଇଥ୍ ଡିଭାଇନ ବ୍ଲେସିଙ୍ଗସ' ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱସ୍ତି ଗ୍ରାଣ୍ଡ ହୋଟେଲ, ମାଷ୍ଟର କ୍ୟାଣ୍ଟିନ ସମୟ: ସନ୍ଧ୍ୟା ୭ଟା।
- ଶ୍ରୀବାଲୁଙ୍କେଶ୍ୱର ମହାଦେବଙ୍କ ବାର୍ଷିକୋତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ବିଜୁ ଆଦର୍ଶ କଲୋନୀ, ବାଲିଆପଟା, ରସୁଲଗଡ଼, ସମୟ: ସନ୍ଧ୍ୟା ୭ଟା।
- ଅସୀମ ଉତ୍ସବ ଅବସରରେ ମଞ୍ଚସ୍ଥ ହେବ ନାଟକ 'ନିଳଠା ନିର୍ଦ୍ଦେଶକ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ପୁରୀ

- ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ଉତ୍ସବ ସମାରୋହରେ ଆଚାର୍ଯ୍ୟ ହରିହର ବିଦ୍ୟା ନିକେତନ ପକ୍ଷରୁ ମୁଷ୍ଟିଭିକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ହେରାଗୋହରି ସାହି, ପୁରୀ, ସମୟ: ସକାଳ ୮ଟା।
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ୭ମ ସାଧାରଣ ଅଧିବେଶନ, ସ୍ଥାନ: ଷ୍ଟେଶନ କଲ୍ୟାଣ ମଣ୍ଡପ, ପୁରୀ, ସମୟ: ସକାଳ ୮ଟା।
- ଭାଜପାର ଗଣ ଧାରଣା, ସ୍ଥାନ: ନିମାପଡ଼ା ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ଲୋବାଲ ଆର୍ଟିଷ୍ଟ ଫୋରମ୍ ପକ୍ଷରୁ 'ପ୍ରତିବିମ୍ବ', ସ୍ଥାନ: ସମୁଦ୍ର କୂଳ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ, ପୁରୀ, ସମୟ: ଅପରାହ୍ନ ୩ଟା ୩୦।
- ବ୍ରିଙ୍ଗ ୟୋର ଓନ୍ ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ହୋଟେଲ ପିଙ୍କ୍ ହାଉସ୍, ସିଟି ରୋଡ୍, ପୁରୀ, ସମୟ: ଅପରାହ୍ନ ୫ଟା।
- ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ

- ଶ୍ରୀଶ୍ରୀତ୍ରିନାଥ ଦେବଙ୍କ ବାର୍ଷିକ ମହୋତ୍ସବ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କନ୍ହେଇପୁର, କଟକ, ସମୟ: ପ୍ରାତଃ ସମୟରୁ ଦିବସବ୍ୟାପୀ।
- ସପ୍ତମ ରାଜ୍ୟସ୍ତରୀୟ ଯୁବ ଅହମ୍ମଦିୟା ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: କରଡ଼ାପଲ୍ଲୀ ଖେଳ ପଡ଼ିଆ, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।
- ସାତସାହି ତୈଳିକ ସମାଜ ପକ୍ଷରୁ ପସରା ପୂଜା ଓ ଅଗ୍ନ୍ୟୁତ୍ସବ, ସ୍ଥାନ: ଟାଉନ ହଲ, କଟକ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ରପଡ଼ା ନୂଆସାହି, ବେଗୁନିଆ, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପାରାୟଣ, ବାଲୁଙ୍କେଶ୍ୱର ପୀଠ ପ୍ରାଙ୍ଗଣ, ସ୍ଥାନ: ଗହିରଗାଡ଼ିଆ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଉଇଲକିଶନ ନଗର, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଜେନେରାଲ ବଡି ବୈଠକ, ସ୍ଥାନ: କଲେଜ ପରିସର, ନିରାକାରପୁର, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡ଼ିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ,ସ୍ଥାନ: ପୂର୍ତ୍ତ ବଙ୍ଗଳା, ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ପ୍ରତିଷ୍ଠା ଉତ୍ସବ ଅବସରରେ ଅନୁଷ୍ଠିତ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବଡ଼କୁମାରୀ ଗ୍ରାମ, ବୋଲଗଡ଼, ସମୟ: ଅପରାହ୍ନ ୫ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ମା' ଜାଗୁଲାଇ କ୍ରିକେଟ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ-୨୦୨୪, ସ୍ଥାନ: କେ.କେ. ନୂଆଗାଁ ଖେଳପଡ଼ିଆ, ବାଲୁଗାଁ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଶ୍ରୀଶ୍ରୀଗୁରୁଗୌରାଙ୍ଗ ମହାପ୍ରଭୁଙ୍କ ମହୋତ୍ସବ, ସ୍ଥାନ: ଚାନ୍ଦମାରିପଡ଼ିଆ, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ପି, ବିଧାୟକଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଶିଳାନ୍ୟାସ, ସ୍ଥାନ: ବେଗୁନିଆ ଜୋର ପୋଲ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା। ବଣିଆଁଗାଁ-ଜୁଣକୋଇଲି ପୋଲ, ସ୍ଥାନ: ଅଯୋଧ୍ୟା-କାଁଶ ପୋଲ, ନୀଳଗିରି, ସମୟ: ମଧ୍ୟାହ୍ନ ୧୨। ରାଧାକିଶୋରପୁର ରାସ୍ତା, ସ୍ଥାନ: ସିଙ୍ଗିରୀ-ବ୍ରହ୍ମପୁର ପୋଲ, ନୀଳଗିରି, ସ୍ଥାନ : ଅପରାହ୍ନ ୩ଟା।
- ଖଇରା ବ୍ଲକର ସାରଡାଙ୍ଗ ପଞ୍ଚାୟତରେ ବର୍ଦ୍ଧିତ ଭତ୍ତା ରାଶି ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ, ସ୍ଥାନ: ଶିକ୍ଷକ ସଂଘ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବସ୍ତା ନିର୍ବାଚନ ମଣ୍ଡଳୀୟ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କାଳିପଦାରେ ଖୋଲା ମଞ୍ଚ, ସ୍ଥାନ: କାଳିପଦା ବଜାର, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଯଜ୍ଞାଧିବାସ, ସ୍ଥାନ: ବଡ଼ସାହି ବ୍ଲକ ସୁହାଗପୁରର କଉଡିଖଣ୍ଡୀସ୍ଥିତ ମା' ହିଙ୍ଗୁଳା ପୀଠ, ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ୍ ମାଧ୍ୟମରେ ଫ୍ଲଡ୍ ଲାଇଟ୍ ଉଦ୍‌ଘାଟନ, ସ୍ଥାନ: ବାରିପଦା ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ

- ଇତିହାସ ବିଭାଗର ପାଠଚକ୍ର, ସ୍ଥାନ: ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- 'ଶିଶୁ ସୁରକ୍ଷାରେ ଗଣମାଧ୍ୟମର ଦାୟିତ୍ୱ କର୍ମଶାଳା', ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଚିଲୋ ତେଲିସାହି ପଡ଼ିଆ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କ୍ରୀଡ଼ା ଭିତ୍ତିଭୂମି ଶିଳାନ୍ୟାସ, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ପାଟଣା ବ୍ଲକସ୍ତରୀୟ ମିଶନ ଶକ୍ତି ସମୀକ୍ଷା ବୈଠକ, ସ୍ଥାନ: ପାଟଣା ବ୍ଲକ୍ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଚମ୍ପୁଆ ଏନ୍‌ଏସିରେ ରାସନ କାର୍ଡଧାରୀଙ୍କୁ ଭତ୍ତା ପ୍ରଦାନ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବଡ଼ବିଲ ବାର ଆସୋସିଏଶନର ନିର୍ବାଚନ ଅଧିକାରୀ ଚୟନ ପାଇଁ ବୈଠକ, ସ୍ଥାନ: ଜେଏମ୍‌ଏଫ୍‌ସି କୋର୍ଟ କମ୍ପ୍ଲେକ୍ସ, ବଡ଼ବିଲ, ସମୟ: ଅପରାହ୍ନ ୩ ଟା ୩୦।

## ବ୍ରହ୍ମପୁର

- ରୋଟାରୀ କ୍ଲବର ରାଲି, ସ୍ଥାନ: ପାଣିଟାଙ୍କି ରୋଡ, ସମୟ: ସକାଳ ୭ଟା।
- ଟାଟା ଷ୍ଟିଲ ପକ୍ଷରୁ ଉଡାଣ କାର୍ଯ୍ୟକ୍ରମ, ସ୍ଥାନ:ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମହାନଗର ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ, ସମୟ:ସନ୍ଧ୍ୟା ୫ଟା।

## ଗଞ୍ଜାମ

- କ୍ରିକେଟ ମ୍ୟାଚ, ସ୍ଥାନ: ମଲାସପଦର ଶିକ୍ଷାଞ୍ଚଳ ପଡ଼ିଆ, ସମୟ: ସକାଳ ୯ ଟା।
- ବହୁ ମୁଖୀ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ ରୋଡ, ସମୟ:ପୂର୍ବାହ୍ନ ୧୧ଟା।
- ସାବିତ୍ରୀ ମହିଳା ମହାବିଦ୍ୟାଳୟ ନୂତନ କୋଠାର ଶିଳାନ୍ୟାସ, ସ୍ଥାନ: ଭଞ୍ଜନଗର ମହିଳା କଲେଜ, ସମୟ: ପୂର୍ବାହ୍ନ ୧୧ଟା ୧୫ ।
- ମିଶନ ଶକ୍ତି ଗୃହ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ୱାର୍ଡ ନମ୍ବର ୧୪, ସମୟ:ଅପରାହ୍ନ ୧ଟା।
- କାରଗିଲ ଭବନ ଉଦ୍‌ଘାଟନ, ସ୍ଥାନ:ଭଞ୍ଜନଗର ପ୍ରେସ କ୍ଲବ ପଡ଼ିଶା, ସମୟ: ଅପରାହ୍ନ ୧ଟା ୧୫।
- ମଞ୍ଚସ୍ଥ ହେବ ପୌରାଣିକ ନାଟକ ସତୀ ଲୁହରେ ଜଳୁଛି ଲଙ୍କା, ସ୍ଥାନ:ପଦରାଇସୁଣୀ, ସୋରଡ଼ା, ସମୟ:ସନ୍ଧ୍ୟା ୬ ଟା।

## କନ୍ଧମାଳ

- ଶ୍ରୀ ହରି ଓ ମା 'ତାରିଣୀ ପୀଠର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ:ମନ୍ଦିର ପରିସର, ଭଗମୁଣ୍ଡା, ବାଲିଗୁଡା, ସମୟ:ସକାଳ ୮ଟା।
- ତାଲିମ ଗ୍ରହଣ କରିଥିବା ୫୫ ବ୍ୟାଚ ବନରକ୍ଷୀଙ୍କ ପାସିଙ୍ଗ ଆଉଟ ପରେଡ଼ ଓ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବନପାଳ ତାଲିମ ବିଦ୍ୟାଳୟ, ଜି.ଉଦୟଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡିଶା, ନବୀନ ଓଡିଶା ଯୋଜନାର ପଞ୍ଚାୟତ ସ୍ତରୀୟ ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ସିର୍କାବର୍ଗ ପଞ୍ଚାୟତ କାର୍ଯ୍ୟାଳୟ/ ସିଆଙ୍ଗବାଲି ପଞ୍ଚାୟତ, ଦାରିଙ୍ଗବାଡି, ସମୟ:ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଇନ୍‌ଡୋର ହଲ ନିର୍ମାଣ ଓ ଉନ୍ନତି କରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ, ସ୍ଥାନ:ମିନି ଷ୍ଟାଡିୟମ, ବାଲିଗୁଡ଼ା, ସମୟ:ଅପରାହ୍ନ ୪ଟା।
- ଗୁଡ୍ ଶେଫର୍ଡ଼ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର,ଜି ଉଦୟଗିରି, ସମୟ: ଅପରାହ୍ନ ୪ଟା।
- ମା' ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ,ସ୍ଥାନ:ଦାରିଙ୍ଗବାଡି ଟିଡିସିସି ସଭାଗୃହ, ସମୟ:ସନ୍ଧ୍ୟା ୭ ଟା।

## ଗଜପତି

- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ମୋହନା, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଲକ୍ଷ୍ମୀ ବସ୍ ଷ୍ଟପ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଗୁଡାରି ବ୍ଲକ ସାନହୁମା ପଞ୍ଚାୟତର କିନିଡି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଲ୍ଟି ପରପୋଜ ହଲ୍ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ରାୟଗଡ଼ା, ଗୁଣପୁର ପୌରାଞ୍ଚଳ ଏବଂ ଗୁଡାରି ବିଜ୍ଞାପିତ ପରିଷଦ, ସମୟ: ଅପରାହ୍ନ ୪ଟା ।

## କୋରାପୁଟ

- ଜୟପୁର ବ୍ଲକ କାର୍ଯ୍ୟାଳୟଠାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଜିଲାପରିଷଦ ବୈଠକ, ସ୍ଥାନ: ସଦ୍‌ଭାବନା ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ: ୧୦ଟା୩୦।
- ଜିଲା ମନିଟରିଂ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ,କୋରାପୁଟ, ସମୟ: ଅପରାହ୍ନ ୩ଟା ୩୦।
- ପୌରପାଳିକା ପକ୍ଷରୁ ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା ୩୦।

## ନବରଙ୍ଗପୁର

- ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦାଢ଼ିଗୁଡ଼ାସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପଣ, ସ୍ଥାନ ଉମରକୋଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ଚିତ୍ରକୋଣ୍ଡା ପଞ୍ଚାୟତସ୍ତରୀୟ ବୈଠକ, ସ୍ଥାନ : ଚିତ୍ରକୋଣ୍ଡା ବ୍ଲକ ସଭାଗୃହ , ସମୟ : ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ରାଜ୍ୟସ୍ତରୀୟ ସମ୍ବଲପୁରୀ ସମ୍ମିଳନୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ଅପରାହ୍ନ ୪ଟା।
- ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଆଗଲପୁର ବ୍ଲକ କୁଟାସିଂହା ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହାଇସ୍କୁଲ ଖେଳପଡିଆ, ସମୟ: ସକାଳ ୯ଟା ୩୦।
- ପିରାମଲ ଫାଉଣ୍ଡେଶନ ପକ୍ଷରୁ ଜିଲାସ୍ତରୀୟ ମିଡ଼ିଆ କର୍ମଶାଳା, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଟିଟିଲାଗଡ଼ ପୌର ପରିଷଦ ପକ୍ଷରୁ ବର୍ଦ୍ଧିତ ଭତ୍ତା ଓ ୧ହଜାର ଟଙ୍କା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ରାଜ କନଓ୍ୱର୍ ପାର୍କ ଟିଟିଲାଗଡ଼, ସମୟ:ପୂର୍ବାହ୍ନ ୧୧ଟା।
- ପାଟଣାଗଡ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଆଗଲପୁର ବ୍ଲକ ଝରଣୀପଲି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନା ସଭା, ସ୍ଥାନ: ଝରଣୀପଲି ଗ୍ରାମ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଟିଟିଲାଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ନଟରାଜ କଳା ପରିଷଦର ପୌସା-୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା୩୦।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୀରମହାରାଜପୁର ବ୍ଲକ ଘିଚାପାଲି, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ବୀରମହାରାଜପୁର ବ୍ଲକ ଘିଚାପାଲି ହରିଜନ ପଡା, ସମୟ: ସକାଳ ୮ ଟା।
- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣର ଉଦ୍‌ଯାପନୀ, ସ୍ଥାନ: ଭୂତିଆପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।
- ତରଭା ବ୍ଲକ ପାଇକବାହାଲ ଓ ଶିବତୁଲା ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ବୀରମହାରାଜପୁର ବ୍ଲକ ଅମରପାଲି: ସମୟ: ଅପରାହ୍ନ ୪ଟା।
- ସନ୍ଥ କବି ଭୀମ ଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠରେ ମାଘ ମେଳା ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସୋନପୁର ବ୍ଲକର ଖଲିଆପାଲି ମେଳା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜିଲା ଗଠନ ଦାବିରେ ଜନ ସମାବେଶ, ସ୍ଥାନ: ପଦ୍ମପୁର ଗୋରୁ ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ମିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ନିଶମ କର୍ମଚାରୀଙ୍କ ଧାରଣା, ସ୍ଥାନ: ଅଗ୍ନିଶମ କେନ୍ଦ୍ର ସମ୍ମୁଖ,ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଧାର୍ମିକ ପ୍ରବଚନ, ସ୍ଥାନ: କମ୍ୟୁନିଟି ସେଣ୍ଟର ବସ୍ ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ରାଉରକେଲା ଟେନିସ ଆସୋସିଏଶନ ପକ୍ଷରୁ ଟେନିସ ଚାମ୍ପିୟନଶିପ୍, ସ୍ଥାନ: ସେକ୍ଟର-୯, ସମୟ: ସକାଳ ୮ଟା ।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଆମ୍ବାଗାନ, ସମୟ: ସକାଳ ୯ଟା।
- ସେକ୍ଟର-୧୬ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଆଇନ କଲେଜର ବାର୍ଷିକ ଆଥଲେଟିକ ମିଟ୍, ସ୍ଥାନ: ଆଇନ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍ୱେଷା ଦି ହେଲ୍‌ପିଂ ହ୍ୟାଣ୍ଡର ସାମୂହିକ ଜନ୍ମୋତ୍ସବ, ସ୍ଥାନ: ହୋମ୍ ଆଣ୍ଡ ହୋପ୍, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨୧ କଂଗ୍ରେସ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ।
- ହନୁମାନ ବାଟିକାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ହନୁମାନ ବାଟିକା ପରିସର, ସମୟ: ଅପରାହ୍ନ ୫ଟା ୩୦।

## ଦେବଗଡ଼

- ଦେବଗଡ଼ର ୭୦ ଜଣ ରାମ ଭକ୍ତଙ୍କ ଅଯୋଧ୍ୟାକୁ ଗସ୍ତ, ସ୍ଥାନ: ଅନୁଗୋଳ ରେଲୱେ ଷ୍ଟେଶନ, ସମୟ: ସକାଳ ୫ଟା।
- ସାଇବାବାଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ କଳସ ଯାତ୍ରା,ଜଳାଧିବାସ,ସ୍ଥାନ: ସାଇସେବା ସଂସ୍ଥାନ,ପ୍ରଧାନପାଟ,ସମୟ:ପୂର୍ବାହ୍ନ ୧୧ଟା।
- ହକି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍, ସମୟ:ଅପରାହ୍ନ ୧ଟା।
- ଭାଜପା ପକ୍ଷରୁ ବୁଥ ସତ୍ୟାପନ କାର୍ଯ୍ୟକ୍ରମ, ସ୍ଥାନ: ମଧ୍ୟପୁର ଓ ରାଇତାବାହାଳ, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- ନବନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ସୂର୍ଯ୍ୟ ପୂଜା, ସ୍ଥାନ: ଲାଞ୍ଜିଗଡ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୬ଟା ୫୦।
- ନିୟମ ରାଜାଙ୍କ ପରବ, ସ୍ଥାନ: ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ସେବା ଆଶ୍ରମର ବାର୍ଷିକ ଉତ୍ସବ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କାଠକୁରା ସରକାରୀ ସେବାଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବହୁ ଉଦ୍ଦେଶ୍ୟ ଖେଳର ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଭବାନୀପାଟଣା ଇନ୍‌ଡୋର ଷ୍ଟାଡ଼ିୟମ୍, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ, ସ୍ଥାନ: ତରବୋଡ ଥାନାପଡା, ସମୟ: ସକାଳ ୭ଟା ୩୦।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ନୂଆପଡ଼ା ଏନ୍‌ଏସି କଲ୍ୟାଣ ମଣ୍ଡପ ପୋଲିସ ପଡିଆ, ସମୟ: ସକାଳ ୯ଟା।

## ବୌଦ୍ଧ

- ବୌଦ୍ଧ ସହରର ନୂଆସାହି ଠାରେ ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ , ସ୍ଥାନ: ଭଗବତ ମନ୍ଦିର, ନୂଆସାହି, ସମୟ: ସକାଳ ୬ଟା।
- କଣ୍ଟାମାଳ ବ୍ଲକ ଶୌଣ୍ଡିକ ସମାଜର ବ୍ଲକସ୍ତରୀୟ ସୁବର୍ଣ୍ଣଗ୍ରାହୀ ବାର୍ଷିକୋତ୍ସବ, ସ୍ଥାନ: ସୁବର୍ଣ୍ଣଗ୍ରାହୀ ମନ୍ଦିର କଣ୍ଟାମାଳ, ସମୟ: ସକାଳ ୯ଟା।
- କଣ୍ଟାମାଳ ଖୁଣ୍ଟିଗୋରା ଜୋନସ୍ତରୀୟ ଶୌଣ୍ଡିକ ସମାଜର ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ଖୁଣ୍ଟିଗୋରା, ସମୟ: ସକାଳ ୯ଟା।
- ବୌଦ୍ଧ ବ୍ଲକର ବାଉଁଶୁଣୀ କ୍ରିକେଟ ଲିଗ୍‌ର ଅଷ୍ଟମ ଦିନ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୯ଟା ।
- ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତର ଟିକରାପଡ଼ା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ବାଉଁଶୁଣୀ ମହାନଦୀ ଘାଟ, ସମୟ: ସକାଳ ୯ଟା।
- କଣ୍ଟାମାଳ ବ୍ଲକ ସୁଖାମୁଣ୍ଡା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: କୁମାରଖଣ୍ଡି ସୀତାରାମ ମଠ, ସମୟ: ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ

- ସ୍କିଲ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ନିକଟ, ସମୟ: ସକାଳ ୯ଟା ୪୫।
- ଡାକ ଟିକେଟ୍ ଉନ୍ମୋଚନ ଓ ଡାକଘର ଉଦ୍‌ଘାଟନ, ସ୍ଥାନ: ଆର୍‌ଟିଓ ଅଫିସ ସନ୍ନିକଟ ଜିଲା ଅଡିଟୋରିୟମ, ସମୟ:ପୂର୍ବାହ୍ନ ୧୧ଟା।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାଘମେଳା ପରିଦର୍ଶନ, ସ୍ଥାନ: ଯୋରନ୍ଦା, ସମୟ: ଅପରାହ୍ନ୧ଟା।
- ମାଘ ମେଳା ଓ ଅନ୍ତର୍ଜାତୀୟ ମହିମା ମହୋତ୍ସବ, ସ୍ଥାନ: ଅଙ୍ଗାରବନ୍ଧ ମହିମା ଧାମ, ସମୟ: ଅପରାହ୍ନ ୫ ଟା।

## ଅନୁଗୋଳ

- ଆସ୍ଥା ଟ୍ରେନ୍ ରେ ଅଯୋଧ୍ୟା ଅଭିମୁଖେ ଶ୍ରଦ୍ଧାଳୁଙ୍କ ଯାତ୍ରା, ସ୍ଥାନ: ଅନୁଗୋଳ ରେଳ ଷ୍ଟେଶନ, ସମୟ: ପ୍ରାତଃ ୩ଟା୨୫।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଟାକୁଆ ଗ୍ରାମ, ସମୟ: ସକାଳ ୬ଟା।
- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି ସମୟ: ସକାଳ ୭ଟା୫୦।
- ଅଗ୍ନିଉତ୍ସବ, ସ୍ଥାନ: ହେମସୁରପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ନିର୍ବାଚନ ଜନିତ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାପରିଷଦ ସାଧାରଣ ପରିଷଦ ବୈଠକ, ସ୍ଥାନ: ଜିଲାପରିଷଦ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୋଲିସ ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମହାରାଜା ସୋମନାଥ ସିଂହ ଜଗଦେବ ସ୍ମୃତି କମିଟି ପକ୍ଷରୁ ଅନୁଗୋଳ ଇତିହାସ ଉନ୍ମୋଚନ, ସ୍ଥାନ: ଅନୁଗୋଳ ପୌରପାଳିକା କାଉନସିଲ ସମ୍ମିଳନୀ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ମା' ଫଟାକାଞ୍ଜିଆ କ୍ରିକେଟ୍ ଟୁର୍ନାମେଣ୍ଟର ସେମିଫାଇନାଲ, ସ୍ଥାନ: ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ଟା।
- ବାୟୁ ପ୍ରଦୂଷଣ ସମୀକ୍ଷା ବୈଠକ, ସ୍ଥାନ:ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା୩୦।
- ବାର୍ଷିକ ଅଗ୍ନି ଉତ୍ସବ ଯାତ୍ରା, ସ୍ଥାନ: କଣିହାଁ ବ୍ଲକ ମଣ୍ଡିହେଟା ଯାତ୍ରା ପଡିଆ, ସମୟ: ରାତି ୮ଟା।

## ଜଗତ୍‌ସିଂହପୁର

- ନାଉଗାଁ ବ୍ଲକର ନୂତନ ସମ୍ମିଳନୀ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ ସ୍ଥାନ: ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୦ଟା।
- ଆଇସିଡିଏସ୍ ଓ ମିଶନ ଶକ୍ତି କାର୍ଯ୍ୟକ୍ରମ ସମ୍ପର୍କିତ ମାସିକ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଶ୍ରୀ ରାଧାରମଣ ଦେବ ସଂକୀର୍ତ୍ତନ ମହାମଣ୍ଡଳ ନୂତନ ଗୃହ ଭୂମି ପୂଜନ ଉତ୍ସବ, ସ୍ଥାନ: ଏରସମା ବ୍ଲକ ସିହା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- କୃଷି ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ନାଉଗାଁ ବ୍ଲକ କୃଷି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମୋ ଓଡ଼ିଶା ନବିନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଓଷକଣା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ନୟାଗଡ଼

- ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ନୂଆଗାଁ ବ୍ଲକର ମା'ବଡରାଉଳୀଙ୍କ ପୀଠ ଗୁଡୁପାଙ୍ଗୀ, ସମୟ:ସକାଳ ୮ଟା।
- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବ୍ଲକସ୍ତରୀୟ ଉପକରଣ ବଣ୍ଟନ ମେଳା, ସ୍ଥାନ: ନୟାଗଡ଼ ପଠାଣି ସମାନ୍ତ ଜିଲା ସଂସ୍କୃତି ଭବନ, ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ଯୋଜନା କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱଶାନ୍ତି ମହାଯଜ୍ଞରେ ୪ର୍ଥ ଦିବସ, ସ୍ଥାନ:ନୂଆଗାଁ ବ୍ଲକର କୋରଡାଗଡ, ସମୟ:ପୂର୍ବାହ୍ନ ୧୦ଟା।
- ଏମ୍‌ଜିଏନ୍‌ଆରଇଜିଏସ୍, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପ୍ରଧାନମନ୍ତ୍ରୀ ପୋଷଣ, ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି, ସ୍ଥାନ: ଭାପୁର ଓ ରଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦। ସ୍ଥାନ: ନୂଆଗାଁ ବ୍ଲକର ରାମଚଣ୍ଡି କଲ୍ୟାଣ ମଣ୍ଡପ ମହିପୁର, ସମୟ:ଅପରାହ୍ନ ୧ଟା। ସ୍ଥାନ: ଫୁଲେଶ୍ୱର କଲ୍ୟାଣ ମଣ୍ଡପ ବାହାଡ଼ାଖୋଲା, ସମୟ: ଅପରାହ୍ନ ୩ଟା।
- ବନାଞ୍ଚଳସ୍ତରୀୟ ବନାଗ୍ନି ପ୍ରଶମନ ସଚେତନତା ଶିବିର,ସ୍ଥାନ:ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟ ପରିସର,ସମୟ:ପୂର୍ବାହ୍ନ ୧୧ଟା।
- ନୀଳ ମାଧବ ଜୀଉଙ୍କ ମାଘ ମେଳା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପଲଟନ ପଡ଼ିଆ ମିନି ଷ୍ଟାଡ଼ିୟମ, ସମୟ:ଅପରାହ୍ନ ୨ଟା।
- ପଠାଣୀ ସାମନ୍ତ କପ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍, ନୟାଗଡ଼ ବନାମ ଇଟମାଟି ଫୁଟବଲ ଟିମ୍, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡ଼ିୟମ, ସମୟ : ଅପରାହ୍ନ ୪ଟା ।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀରେ ବିଜୁ ପଟ୍ଟନାୟକ ଖେଳ ଭବନ ଉଦ୍‌ଘାଟନ, ସ୍ଥାନ:ଓଡ଼ଗାଁ ହାଇସ୍କୁଲ ଖେଳ ପଡ଼ିଆ,ସମୟ:ଅପରାହ୍ନ ୪ ଟା ।
- ଗୋଲେଇ ଟ୍ରାଫିକ, ଆରଏମ୍‌ସିର ଗୃହ ଓ ମାଛ ମାର୍କେଟ ଗୃହ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ଟ୍ରାଫିକ ଛକ ନିକଟସ୍ଥ ପୁରୁଣା ଜେଲ ପଡିଆ, ସମୟ: ଅପରାହ୍ନ ୫ଟା ।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ଆଳି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ଲାଭାର୍ଥୀ କର୍ମଶାଳା, ସ୍ଥାନ: ୧୮ ନଂ. ଜୋନ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ସଚେତନତା ଶିବିର, ସ୍ଥାନ: ସିଙ୍ଗିରି ଓ ପତ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଆଳି ଷ୍ଟାଡ଼ିୟମ, ଆଳି, ସମୟ: ପୂର୍ବାହ୍ନ ୧୧ଟା।
- କୃଷକ ଆନ୍ଦୋଳନରେ ମୃତ ବ୍ୟକ୍ତିଙ୍କ ପାଇଁ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ କଳା ଦିବସ ପାଳନ ଓ ବିକ୍ଷୋଭ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୩ଟା।
- ମା' ବନ୍ଧମଙ୍ଗଳା ଜନ୍ମୋତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୪ଟା।
- ଲାଭାର୍ଥୀ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମେରଦା, ଦେଉଳପଡା ପଞ୍ଚାୟତ, ମହାକାଳପଡା, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ଓଡ଼ିଶା ଖଣି ନିଗମ ଦକ୍ଷିଣ କାଳିଆପାଣି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଆରୋଗ୍ୟ। ସ୍ଥାନ : ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ଗ୍ରାମ ପଞ୍ଚାୟତ ଅରଡାପାଳ ଗ୍ରାମ ମଣ୍ଡପ,ସମୟ : ସକାଳ ୯ଟା।
- ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ବଣ୍ଟନ, ସ୍ଥାନ: ଧର୍ମଶାଳା ବ୍ଲକ ଅଞ୍ଚଳର ୯୨ ଡିଲର ପଏଣ୍ଟ, ସମୟ: ପୂର୍ବାହ୍ନ ୧୦ଟା।
- ନବୀନ ଓଡ଼ିଶା ଆମ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ ବେରୁଣ୍ଟା ପଞ୍ଚାୟତର ଜଗତପୁର ମହାଦେବ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ରସୁଲପୁର ବ୍ଲକ ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ ଗୃହ ନିର୍ମାଣର ଶିଳାନ୍ୟାସ, ସ୍ଥାନ: କଲଣ ପଞ୍ଚାୟତସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟ, ସମୟ: ଅପରାହ୍ନ ୨ଟା।
- ବୁଣାକାର ହାଟ ଲୋକାର୍ପଣ, ସ୍ଥାନ: ରସୁଲପୁର ବ୍ଲକ୍ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ନିକଟ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବନ୍ଧୁଙ୍କ ଅର୍ଥ ସାହାଯ୍ୟ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ସାହାଯ୍ୟକାରୀ ମନୋବୃତ୍ତି ପୋଷଣ ଦ୍ୱାରା ଆତ୍ମୀୟଙ୍କ ନିକଟତର ହୋଇ ଶ୍ରଦ୍ଧା ଓ ସମ୍ମାନ ପାଇବେ। ଆଲୋଚନାରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଆଉଥରେ ଚିନ୍ତା କରିବା ଭଲ ହେବ।

**ବୃଷ** – ପଦାଧିକାରୀଙ୍କ ପରାମର୍ଶକ୍ରମେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ବନ୍ଧରେ ଶୁଣା କଥାକୁ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ତଥା ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟହାନିର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ** – କୌଣସି ସ୍ପର୍ଶକାତର ଘଟଣାରୁ ଦୂରେଇ ରହିବା ଶୁଭଙ୍କରୀ ହୋଇପାରେ। ସରକାରୀ ସ୍ତରରେ ବହୁତ ଦିନରୁ ପ୍ରତୀକ୍ଷିତ ଖବରଟି ଆଜି ପାଇବାର ସମ୍ଭାବନା ରହିଛି। କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା କେତେକାଂଶରେ କମି କମି ଆସିବ।

**କର୍କଟ** – ସଂଯମତାବିହୀନ ବାକ୍ୟାଳାପ ଆପଣଙ୍କ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିପାରେ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ମୁଣ୍ଡରେ ହାତଦେଇ ବସିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଲେ ମଧ୍ୟ ଲାଭ ପରିମାଣ କମିବ ନାହିଁ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସଫଳ ହୋଇପାରନ୍ତି।

**ସିଂହ** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ। ପରିବାରର ଆବଶ୍ୟକତାକୁ ଯଥା ସମୟରେ ପୂରଣ କରିବାରେ ସମର୍ଥ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇପାରନ୍ତି। ଅଭାବ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**କନ୍ୟା** – ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟମୂଳକ କାର୍ଯ୍ୟ ଆପଣଙ୍କ ବିପକ୍ଷରେ ଯାଇପାରେ। ବନ୍ଧୁଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ଶତ୍ରୁତାର ଅବସାନ ଘଟାଇବା ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି। ପ୍ରତିବନ୍ଧକ ମଧ୍ୟରେ ଅଟକି ରହିଥିବା କାମଟି ପାରିବାରିକ ସମର୍ଥନ ହେତୁ ତ୍ୱରାନ୍ୱିତ ହେବ।

**ତୁଳା** – ଆପଣଙ୍କ କଥା ଓ କାର୍ଯ୍ୟରେ ବିରକ୍ତିଭାବ ପ୍ରତିଫଳିତ ହୋଇ ଅନ୍ୟମାନଙ୍କ ଚକ୍ଷୁଶୂଳର କାରଣ ପାଲଟିଯିବ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ବିବାଦୀୟ ଘଟଣାରେ ବିଜୟୀ ହେବେ। ଯେଉଁ ଜିନିଷ ପାଇବା ପାଇଁ ଆଶା ବାନ୍ଧିଛନ୍ତି, ତାହା ଆଜି ନିଶ୍ଚିତ ଭାବେ ପାଇବେ।

**ବିଛା** – ଅଧିକାଂଶ କ୍ଷେତ୍ରରେ ନିଜର ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପତିକ୍ରିୟାଶୀଳ ମନୋବୃତ୍ତିର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଲେଖାପଢ଼ା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** – ଆପଣଙ୍କ ମନକୁ ସୁହାଇଲା ଭଳି କଥା ବାହାର ଲୋକଙ୍କୁ ବାନ୍ଧି ରଖିବାରେ ସମର୍ଥ ହେବ। ବାରମ୍ବାର ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନୂତନ କାମଟି ଆରମ୍ଭ କରୁ କରୁ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ନ ପାରେ। ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ସାମାଜିକ ସ୍ତରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ମାନସିକ ସ୍ଥିତି ବିଗିଡି ଯାଇପାରେ। ଜଣେ ବନ୍ଧୁଙ୍କ କ୍ରୂର ବ୍ୟବହାରକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** – ପ୍ରତ୍ୟେକ କ୍ଷେତ୍ରରେ ଅସ୍ୱାଭାବିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସମସ୍ୟା ଭିତରେ ରହିଥିଲେ ମଧ୍ୟ ଆଜି ବିଭିନ୍ନ ସୂତ୍ରରୁ ଅଧିକ ଧନ ପାଇ ଖୁସି ହେବେ। ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ, କିନ୍ତୁ ପରକ୍ଷଣରେ ଭୁଲ୍ ବୁଝାମଣା ଦୂର ହୋଇଯିବ। ପରିବାରର ଅଭିଯୋଗକୁ ଠିକ୍ ଭାବେ ବୁଝି ପାରିବେ ନାହିଁ।

**ମୀନ** – କର୍ମକ୍ଷେତ୍ରରେ ସତକଥା କହି ବିବାଦୀୟ ହୋଇପଡିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସାମ୍ବାଦିକତା କ୍ଷେତ୍ରରେ ମନ ମୁତାବକ ସୁବିଧା ସୁଯୋଗ ପାଇବେ। ଦେଣନେଣ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ।

ଆଜି ଫେବୃଆରୀ ୨୩ ତାରିଖ, ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ଶୁକ୍ରବାର, ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୪ ଗତେ ଘ.୦୭।୦୦ ମଧ୍ୟେ, ଘ.୦୭।୪୬ ଗତେ ଘ.୦୯।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୩ ମି. ଗତେ ଘ.୧୨/୦୦ ମି. ମଧ୍ୟେ ରାହୁକାଳ।

# ବିକାଶର ବାର୍ତ୍ତା ଦେଲେ ୫-ଟି ଅଧ୍ୟକ୍ଷ

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପାଣ୍ଡିଆନ

ବେଲଗୁଣ୍ଠା/ଧରାକୋଟ/ବ୍ରହ୍ମପୁର/ପାତ୍ରପୁର,୨୨।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ/ବିଷ୍ଣୁକେଶରୀ ଆଚାର୍ଯ୍ୟ/ସ୍ମୃତିରଞ୍ଜନ ମହାଲିକ/ଉମାଚରଣ ନେପାକ)

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ଦିନିକିଆ ଗଞ୍ଜାମ ଜିଲା ଗସ୍ତ କରିଛନ୍ତି। ସେ ବେଲଗୁଣ୍ଠା, ଧରାକୋଟ, କୁକୁଡ଼ାଖଣ୍ଡି ଓ ପାତ୍ରପୁରରେ ଆୟୋଜିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ପାଣ୍ଡିଆନ ପ୍ରଥମେ ସୋରଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଲଗୁଣ୍ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ, ପୂର୍ବରୁ ସୋରଡ଼ା ଗସ୍ତରେ ଆସିଥିବା ବେଳେ ମିଳିଥିବା ସମସ୍ତ ଅଭିଯୋଗର ସମାଧାନ ହୋଇଛି। ଏବେ ଏଠାରେ ମିଳିଥିବା ୩୨୦ ଅଭିଯୋଗର ସମାଧାନ ୫ ଦିନ ମଧ୍ୟରେ କରିବାକୁ ପଦକ୍ଷେପ ନିଆଯିବ। ନିର୍ବାଚନ ଲାଗି କିଛିଦିନ ମଧ୍ୟରେ ଆଦର୍ଶ ଆଚରଣବିଧି ଲାଗୁ ହେବ। ତେଣୁ ବର୍ତ୍ତମାନ ରାଶନ କାର୍ଡ଼ ପ୍ରଦାନ ସମ୍ଭବ ନୁହେଁ। ନିର୍ବାଚନ ସରିଲେ ସମସ୍ତ ଆବେଦନକାରୀଙ୍କୁ ରାଶନ କାର୍ଡ଼ ପ୍ରଦାନ କରାଯିବ। ପୁନରୁଦ୍ଧାର ପାଇଁ ଆବେଦନ ହୋଇଥିବା ରାଜ୍ୟର ସମସ୍ତ ଧର୍ମାନୁଷ୍ଠାନଗୁଡ଼ିକୁ ଏକ ସପ୍ତାହ ମଧ୍ୟରେ ଅନୁଦାନ ମିଳିବ। ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ନିଜ ପରିବାର ବୋଲି ଭାବୁଛନ୍ତି। ତେଣୁ ସେ ସବୁ ବର୍ଗର ଲୋକମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯେଉଁମାନେ ଭତ୍ତା ପାଇଁ ଆବେଦନ କରିଛନ୍ତି, ସେମାନଙ୍କୁ ତୁରନ୍ତ ଭତ୍ତା ଯୋଗାଇବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମମତା ଯୋଜନା ଆର୍ଥିକ ରାଶି ବୃଦ୍ଧି, ଲକ୍ଷ୍ମୀ ବସ୍ ଯୋଜନା, କଳାକାର ଭତ୍ତାବୃଦ୍ଧି, ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ-ଓ ଛାତ୍ରବୃତ୍ତି, ବିନା ସୁଧରେ ଚାଷୀ ଓ ଯୁବକଙ୍କୁ ୧ ଲକ୍ଷ ଟଙ୍କା ଋଣ ଯୋଜନା ସମ୍ପର୍କରେ ସେ ଲୋକଙ୍କ ସହ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଭାବେ ବେଲଗୁଣ୍ଠାର ପିତ୍ତଳ ମାଛକୁ ଗୁରୁତ୍ୱ ଦେଇ କାରିଗରମାନଙ୍କ ଉନ୍ନତି ପାଇଁ ଚେଷ୍ଟା କରାଯିବ ବୋଲି ପାଣ୍ଡିଆନ କହିଥିଲେ।

ଧରାକୋଟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ କହିଥିଲେ, ଆସନ୍ତା ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଖୁସି ଖବର ଦେବେ। ପୂର୍ବ ସମାବେଶରେ ପାଇଥିବା ୬୫୦ ଆବେଦନ ମଧ୍ୟରୁ ୬୦୦ଟି ପୂରଣ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୪୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏବେ ଯେଉଁସବୁ ଆବେଦନ କରିଛନ୍ତି, ସେ ସବୁକୁ ବିଚାରକୁ ନିଆଯିବ। ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ସିଆରପି, ଏମ୍‌ବିକେ, କୃଷକ ସାଥୀ ଓ ବ୍ୟାଙ୍କ ମିତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ଖୁସି ଖବର ଦେବେ ବୋଲି ୫-ଟି ଅଧ୍ୟକ୍ଷ କହିଥିଲେ। ମୁଖ୍ୟମନ୍ତ୍ରୀ ନିକଟରେ ଓଡ଼ିଶାକୁ ଏକ ସୂତ୍ରରେ ଯୋଡ଼ିବା ପାଇଁ ଲକ୍ଷ୍ମୀ ବସ ସେବା ଆରମ୍ଭ କରିଛନ୍ତି। ଆପଣମାନେ ତାଙ୍କ ହାତମୁଠାକୁ ଟାଣ କରନ୍ତୁ ବୋଲି ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ପରେ ପାଣ୍ଡିଆନ କୁକୁଡାଖଣ୍ଡିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇବା ସହ ସ୍ଥାନୀୟ ଅଞ୍ଚଳର ମଠ, ମନ୍ଦିର ସମେତ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଦରଖାସ୍ତ ଗ୍ରହଣ କରିଥିଲେ। ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ମହନ୍ତ ଶ୍ରୀପରାଙ୍କୁଶ ବିଦ୍ୟାଳୟ ପଡିଆଠାରେ ଅନୁଷ୍ଠିତ ସାଧାରଣ ସଭାରେ ପାଣ୍ଡିଆନ ଶାନ୍ତିଶୃଙ୍ଖଳା ଦେଖି ଜନସାଧାରଣଙ୍କୁ ପ୍ରଶଂସା କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଲୋକଙ୍କଠାରୁ ସେ ଦାବିପତ୍ର ଗ୍ରହଣ କରିଥିଲେ । ସଭାସ୍ଥଳଟି 'ଜୟ ଜଗନ୍ନାଥ' ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମଗୁଡିକରେ ଗଞ୍ଜାମ ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ତଥା ଜଙ୍ଗଲ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ୍ୟ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ମନ୍ତ୍ରୀ ଉଷାଦେବୀ, ଏମ୍‌ପି ଚନ୍ଦ୍ର ଶେଖର ସାହୁ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସାନଖେମୁଣ୍ଡିର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଜିଲା ବିଜେଡି ସଭାପତି ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ, ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଉପଜିଲାପାଳ ଅନୀଲ କୁମାର ସେଠୀ ପ୍ରମୁଖ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।



ଧରାକୋଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

## 'ଗୁଳିମାରିଲେ ବି ଲୋକଙ୍କ ପାଖକୁ ଯିବି'

### ବିକାଶ ବିରୋଧୀଙ୍କୁ ପାଣ୍ଡିଆନଙ୍କ କଡ଼ା ଜବାବ

ଭୁବନେଶ୍ୱର,୨୨।୨(ଅନିଲ ଦାସ)

ମତେ ଅଣ୍ଡା, ଚପଲ, କାଳି, ଟମାଟୋ ମାଡ଼ କର କି ଗୁଳିମାଡ଼ କର, କିଛି ଫରକ ପଡ଼ିବନି। ମୁଁ ଲୋକଙ୍କ ପାଖକୁ ଆସିବି ଓ ଲୋକଙ୍କ କାମ କରିବି। ଖରାରେ ୧୦ ହଜାର ଲୋକ ଅପେକ୍ଷା କରିଛନ୍ତି। ସେମାନଙ୍କୁ ସମ୍ମାନ ଦେଇ ସେମାନଙ୍କ ସହ ହାତ ମିଶାଇଲେ ଖୁସି ଲାଗୁଛି। ସେଥିପାଇଁ କିଏ ଟମାଟୋ ଫିଙ୍ଗିବ ବୋଲି ସେଥିରେ ମୋର ଅଟକିଯିବାର ନାହିଁ। ବହୁତ ଲୋକ ଆସିବେ, ମଞ୍ଚ ଉପରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ଚାଲିଯିବେ। କେହି କିଛି କାମ କରିବେ ନାହିଁ। ମୁଁ କିନ୍ତୁ ସେମିତି ଲୋକ ନୁହଁ। ମୁଁ ଲୋକଙ୍କ କାମ କରିବା ପାଇଁ ଆସିଛି ଓ ଆସୁଥିବି। ଗଞ୍ଜାମ ଜିଲା ବେଲଗୁଣ୍ଠାଠାରେ ଆୟୋଜିତ ସାଧାରଣ ସଭାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିରୋଧୀମାନଙ୍କୁ ଏଭଳି ଟାର୍ଗେଟ କରିଛନ୍ତି। ଗୁରୁବାର ପାଣ୍ଡିଆନ ଗଞ୍ଜାମ ଜିଲା ଗସ୍ତରେ ଯାଇଥିବାବେଳେ ତାଙ୍କର ପ୍ରଥମ ସଭା ବେଲଗୁଣ୍ଠାଠାରେ ଥିଲା। ପାଣ୍ଡିଆନ ସଭାସ୍ଥଳକୁ ପ୍ରବେଶ କରୁଥିବା ବେଳେ ଜଣେ ଦୁର୍ବୃତ୍ତ ଅଚାନକ ଧସେଇଆସି ଏକ ଟମାଟୋ ତାଙ୍କ ଉପରକୁ ଫୋପାଡ଼ିଥିଲେ। ଦୁର୍ବୃତ୍ତଙ୍କୁ ତୁରନ୍ତ ସଭାରେ ଥିବା ଲୋକେ ଓ ପୋଲିସ କାବୁ କରିନେଇଥିଲେ। ଟମାଟୋ ଫୋପାଡ଼ିବାବେଳେ ସମ୍ପୃକ୍ତ ଯୁବକ ହାତରେ କଂଗ୍ରେସର ଏକ ଛୋଟିଆ ପତାକା ଧରିଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ଦୁର୍ବୃତ୍ତଙ୍କ ଟମାଟୋମାଡ଼ ସତ୍ତ୍ୱେ ପାଣ୍ଡିଆନ ସାମାନ୍ୟ ବିଚଳିତ ମଧ୍ୟ ହୋଇ ନ ଥିଲେ। ଚିରାଚରିତ ଭାବେ ସେ ହସହସ ମୁହଁରେ ଲୋକଙ୍କୁ ହାତ ମିଶାଇଥିଲେ ଓ ସେମାନଙ୍କଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ମଞ୍ଚ ଉପରକୁ ଆସି ଜୟ ଜଗନ୍ନାଥ ଓ ଜୟ ମା' ତାରାତାରିଣୀ କହି ବେଲଗୁଣ୍ଠା ଏବଂ ସୋରଡ଼ା ଅଞ୍ଚଳର ବିକାଶ ସମ୍ପର୍କିତ ଚିଠା ଉପସ୍ଥାପନ କରିଥିଲେ। ପାଣ୍ଡିଆନଙ୍କ ସଭାରେ ଅଭୂତପୂର୍ବ ଜନସମାବେଶ ହୋଇଥିଲା। ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ଓ ବିକାଶର ଲମ୍ବାଚିଠା ବିରୋଧୀଙ୍କୁ ଅସହିଷ୍ଣୁ କରିଦେଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ଭୁବନେଶ୍ୱରଠାରେ ବିଶ୍ୱର ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ ସଂସ୍ଥା 'ଆକ୍ସେଞ୍ଚର'ର ଅତ୍ୟାଧୁନିକ ବୈଷୟିକ ଗବେଷଣା କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା ପରେ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ।

## ମୟୂରଭଞ୍ଜରୁ ୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

### ଡିଲରଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍

ଭୁବନେଶ୍ୱର,୨୨।୨(ସତ୍ୟଜିତ୍ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ ଟାଟୋ ଅଞ୍ଚଳରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ଡିଲର୍‌ଙ୍କୁ ଗିରଫ କରିଛି। ତାଙ୍କଠାରୁ ୩୦୨ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କରଞ୍ଜିଆ ଏନ୍‌ଏସି ୮ ନଂ. ୱାର୍ଡ ଗୁଡିସାହିରେ ରହୁଥିବା କ୍ଷୀରସିନ୍ଧୁ ସାମଲ (୪୯)। ଏ ସଂକ୍ରାନ୍ତରେ ଗୁରୁବାର ଏସ୍‌ଟିଏଫ୍ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୯/୨୦୨୪) ରୁଜୁ କରାଯାଇ ଅଭିଯୁକ୍ତ କ୍ଷୀରସିନ୍ଧୁଙ୍କୁ କରଞ୍ଜିଆ ଅତିରିକ୍ତ ଜିଲା ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ଏସ୍‌ଟିଏଫ୍‌କୁ ଜିଲା ପୋଲିସ ସହାୟତା କରିଥିଲା। ତେବେ ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ପ୍ରାୟ ୩୦ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ କ୍ଷୀରସିନ୍ଧୁ ବ୍ରାଉନସୁଗାର କେଉଁଠୁ ଏବଂ କାହା ନିକଟରୁ ଆଣି କେଉଁମାନଙ୍କୁ ଯୋଗାଉ ଥିଲେ ଓ ରାଜ୍ୟର କେଉଁସବୁ ଜିଲାରେ ତାଙ୍କ ର୍ୟାକେଟ ସକ୍ରିୟ ରହିଛି, ତାହା ଜାଣିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଜାରି ରଖିଛି। ଆବଶ୍ୟକ ପଡ଼ିଲେ ଏସ୍‌ଟିଏଫ୍ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିପାରେ ବୋଲି ସୂଚନା ମିଳିଛି।




## ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ନାଁରେ ବଳାତ୍କାର ଉଦ୍ୟମ ଅଭିଯୋଗ

ସୁନ୍ଦରଗଡ଼,୨୨।୨ (ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଉମେଶ ନାଏକ ଜଣେ ମହିଳା ରୋଷେୟାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ଲେଫ୍ରିପଡା ଥାନାରେ ବୁଧବାର ରାତିରେ ଅଭିଯୋଗ ହୋଇଛି। ପୀଡିତାଙ୍କ ଏତଲା ଗ୍ରହଣ କରି ପୋଲିସ ମାମଲା ରୁଜୁ କରିଛି। ଅପରପକ୍ଷରେ ଏହି ଘଟଣାକୁ ନେଇ ସହକାରୀ ନିର୍ବାହୀଯନ୍ତ୍ରୀ ଓ ବ୍ଲକ ସମ୍ପ୍ରସାରଣ ଅଧିକାରୀ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଅନ୍ୟ ୨ଟି ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି ସଦର ଏସ୍‌ଡିପିଓ ହିମାଂଶୁ ବେହେରା ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ବିଜେଡି ଏବଂ ଭାଜପା ସମର୍ଥିତ ଠିକାଦାର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ନାଏକ ତାଙ୍କ ସରକାରୀ ବାସଭବନକୁ ରୋଷେଇ କରିବାକୁ ଡାକି ବଳାତ୍କାର ଉଦ୍ୟମ କରିଥିଲେ।

## ଅଲେଖ ମହିମା ଧ୍ୱନିରେ କମ୍ପିଲା ଯୋରନ୍ଦା



ଢେଙ୍କାନାଳ,୨୨।୨(ରତନ ନାୟାର)

- ବିଶ୍ୱ ପ୍ରସିଦ୍ଧ ମାଘମେଳା ଆରମ୍ଭ
- ଝାଡ଼ଦୀପରେ ଝଲସିଲା ମହିମାଗାଦି
- ୩ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ

ଢେଙ୍କାନାଳର ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦାରେ ଗୁରୁବାର ଠାରୁ ୩ଦିନ ବ୍ୟାପୀ ମାଘମେଳା ଆରମ୍ଭ ହୋଇଛି। ସନ୍ଧ୍ୟା ସାଢ଼େ ୫ଟାରେ ଗାଦି ମନ୍ଦିରର ୪ ଦ୍ୱାରରେ ମହିମା ସନ୍ନ୍ୟାସୀମାନଙ୍କ ଦ୍ୱାରା ଝାଡ଼ଦୀପ ପ୍ରଜ୍ୱଳିତ ହୋଇଥିଲା। ଏହି ସମୟରେ ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଅଲେଖ ମହିମା ଧ୍ୱନିରେ ମହିମାଗାଦି ଯୋରନ୍ଦା ପ୍ରକମ୍ପିତ ହୋଇଥିଲା। ଗାଦିମନ୍ଦିର ଚତୁଃଦ୍ୱାରରେ ଝାଡ଼ବତି ପ୍ରଜ୍ୱଳନ ଯୋଗୁ ଗାଦିମନ୍ଦିର ସମେତ ମହିମାପୀଠ ଝଲସି ଉଠିଥିଲା। ମହିମା ସନ୍ନ୍ୟାସୀମାନେ ଘୃତାହୁତି କରି ବିଶ୍ୱ କଲ୍ୟାଣ ପାଇଁ ଶୂନ୍ୟ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଗୁରୁବାର ବ୍ରାହ୍ମ ମୁହୂର୍ତ୍ତରୁ ମହିମା ସନ୍ନ୍ୟାସୀମାନେ ନୀତିକାନ୍ତି ଆରମ୍ଭ କରିଥିଲେ। ଝାଡ଼ଦୀପଗୁଡିକ ପ୍ରସ୍ତୁତ କରାଯାଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଗାଦିମନ୍ଦିର ପରିସରରେ ମହିମା ସନ୍ନ୍ୟାସୀମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ମହିମା ଶ୍ରଦ୍ଧାଳୁମାନଙ୍କ ଖଞ୍ଜଣି ଭଜନରେ ମହିମା ପୀଠ ଯୋରନ୍ଦା ଉତ୍ସବ ମୁଖର ହୋଇଉଠିଥିଲା। ଏମ୍‌ପି ମହେଶ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ମେଳା ପରିସରରେ ଉପସ୍ଥିତ ରହିଥିଲେ। ଏହି ମେଳା ପାଇଁ ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଆଦି ରାଜ୍ୟ ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୩ ଲକ୍ଷ ଶ୍ରଦ୍ଧାଳୁଙ୍କ ସହ ମହିମା ସନ୍ନ୍ୟାସୀଙ୍କ ସମାଗମ ହୋଇଛି। ମେଳାରେ ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ବୁଲୁଥିବା ଦେଖିବାକୁ ମିଳିଛି। ଉଠା ଦୋକାନୀ ଓ ଖାଦ୍ୟ ଷ୍ଟଲଗୁଡିକ ନିକଟରେ ପ୍ରବଳ ଭିଡ ଜମିଥିବା ବେଳେ ଅପେରା ମଧ୍ୟ ପଡିଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି।

**ଖଡ଼ଗପୁର ଡିଭିଜନରେ କ୍ଲୋକ୍ ରୁମ୍, ପେ' ଆଣ୍ଡ ୟୁଜ୍ ଶୌଚାଳୟ, ଦୁଇ ଚକିଆ ଏବଂ ଅନ୍ୟାନ୍ୟ ପାର୍ସଲ ପ୍ୟାକିଂ ସେବା ଓ ପାର୍କିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: (i) ପିଏନ୍‌ୟୁ-କେଜିପି-ଏସ୍‌ଏଚ୍‌ଏମ୍-ଡବ୍ଲ୍ୟୁଆର୍‌ଏଲ୍, (ii) ପିଏନ୍‌ୟୁଟିଓଆଇ-କେଜିପି-୨୪-୨, (iii) ଏମ୍‌ଏସ୍‌ଏସ୍-କେଜିପି-ଟିଡବ୍ଲ୍ୟୁପିପି, (iv) ପାର୍କ-କେଜିପି-୨୪-୦୩, ତାରିଖ: ୨୧।୦୨।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ: (୧) ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ ଶାଳିମାର ରେଳ ଷ୍ଟେଶନଠାରେ ୦୧ ଗୋଟି କ୍ଲୋକ୍ ରୁମ୍। (୨) ୦୩ (ତିନି) ବର୍ଷ ଅବଧି ପାଇଁ ଖଡ଼ଗପୁର ରେଳ ଷ୍ଟେଶନସ୍ଥିତ ପ୍ଲାଟଫର୍ମ ନଂ. ୧ ଓ ୨ଠାରେ ୦୧ ଗୋଟି ପେ' ଆଣ୍ଡ ୟୁଜ୍ ଶୌଚାଳୟ ଏବଂ ଖଡ଼ଗପୁର ରେଳ ଷ୍ଟେଶନସ୍ଥିତ ଉତ୍ତର ପାର୍ଶ୍ୱ ବୁକିଂ ଅଫିସ୍ ନିକଟରେ ୦୧ ଗୋଟି ପେ' ଆଣ୍ଡ ୟୁଜ୍ ଶୌଚାଳୟ ଏବଂ ଖଡ଼ଗପୁର ରେଳ ଷ୍ଟେଶନସ୍ଥିତ ଦକ୍ଷିଣ ପାର୍ଶ୍ୱ ବୁକିଂ ଅଫିସ୍ ନିକଟରେ ୦୧ ଗୋଟି ପେ' ଆଣ୍ଡ ୟୁଜ୍ ଶୌଚାଳୟ। (୩) ୦୩ (ତିନି) ବର୍ଷ ଅବଧି ପାଇଁ ଶାଳିମାର ରେଳ ଷ୍ଟେଶନଠାରେ ୦୧ ଗୋଟି ଦୁଇ ଚକିଆ ଓ ଅନ୍ୟାନ୍ୟ ପାର୍ସଲ ପ୍ୟାକିଂ ସେବା। (୪) ବାସୁଲ୍ୟା ସୁତାହାଟ, ସୁତେଇ ବଡେଗାଁ, ସତୀଶ ସାମନ୍ତ ପିଏଚ୍, ଟିକିଆପଡ଼ା, ଦେଉଲଟି ଏବଂ ସୋରଠାରେ ୦୬ (ଛଅ) ଗୋଟି ଦୁଇ ଚକିଆ ପାର୍କିଂ ଲଟ୍ ଏବଂ ଝାରଗ୍ରାମ ଓ ଦିଘାଠାରେ ୦୨ (ଦୁଇ) ଗୋଟି ମିଶ୍ରିତ ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତି ସମୟ |
|---|---|---|---|---|---|
| ୧ | କ୍ଲୋକ୍ ରୁମ୍ | ପିଏନ୍‌ୟୁ-କେଜିପି-ଏସ୍‌ଏଚ୍‌ଏମ୍-ଡବ୍ଲ୍ୟୁଆର୍‌ଏଲ୍ | ୦୭।୦୩।୨୦୨୪ | ୧୨.୦୦ ଘଟିକା | ୧୨.୩୦ ଘଟିକା |
| ୨ | ପେ' ଆଣ୍ଡ ୟୁଜ୍ ଟଏଲେଟ୍ | ପିଏନ୍‌ୟୁଟିଓଆଇ-କେଜିପି-୨୪-୨ | ୦୮।୦୩।୨୦୨୪ | ୧୨.୦୦ ଘଟିକା | ୧୨.୫୦ ଘଟିକା |
| ୩ | ଦୁଇ ଚକିଆ ଏବଂ ଅନ୍ୟାନ୍ୟ ପାର୍ସଲ ପ୍ୟାକିଂ ସେବା | ଏମ୍‌ଏସ୍‌ଏସ୍-କେଜିପି-ଟିଡବ୍ଲ୍ୟୁପିପି | ୦୮।୦୩।୨୦୨୪ | ୧୨.୩୦ ଘଟିକା | ୧୩.୦୦ ଘଟିକା |
| ୪ | ଦୁଇ ଚକିଆ ପାର୍କିଂ ଏବଂ ମିଶ୍ରିତ ପାର୍କିଂ ପାଇଁ ପାର୍କିଂ ଲଟ୍ | ପାର୍କ-କେଜିପି-୨୪-୦୩ | ୦୮।୦୩।୨୦୨୪ | ୧୧.୩୦ ଘଟିକା | ୧୩.୧୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1162) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**OFFICE OF THE EXECUTIVE ENGINEER, MINOR IRRIGATION DIVISION, SIMDEGA.**
**e-Procurement Tender Notice**
**2nd Call**

**Tender Reference No. WRD/MID/SIMDEGA/F2-08/2023-24** **Date :- 22-02-2024**

| | | | | |
|---|---|---|---|---|
| 1. | Name of the work:- Construction of Series of Checkdam on Gulda Nala Block- Simdega | Estimated Cost (Rs.) 2,15,04,051.12 | Earnest Money (Rs.) 4,30,100.00 | Cost of Tender Paper (Rs.) 10,000.00 |
| 2. | Time of Completion. | 335 days (11 Month) | | |
| 3. | Date of Publication of Tender on website | 28-02-2024 (2:00PM.) | | |
| 4. | Last date/Time for submission of Bids (online) | 13-03-2024 (up to 5:00 PM.) | | |
| 5. | Last date for Online submission of Tender Fee and EMD | e-Procurement Portal (http://jharkhandtenders.gov.in ) 13-03-2024 (up to 5:00 PM.) | | |
| 6. | Date of opening of e-tender | 15-03-2024 ( 02.00 PM) | | |
| 7. | Name & address of office Inviting tender | EXECUTIVE ENGINEER,MINOR IRRIGATION, DIVISION,SIMDEGA. | | |
| 8(a) | Contact no. of Procurement officer | 7004377291 | | |
| (b) | E-mail of e-procurement Officer | midivsimdg@gmail.com | | |
| 9. | Helpline number of e-Procurement cell. | 0651-2491232 | | |

**Note :-(1) Only e-Tenders will be accepted.**
**(2) Published Estimated Cost may be Increase or Decrease.**
Further details can be seen on website http://jharkhandtenders.gov.in

**Executive Engineer,**
**M.I.Division,Simdega.**

PR 319974 Minor Irrigation(23-24)D

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** pnb punjab national bank (Together for the better)
Oriental United

ମଣ୍ଡଳ ଶସ୍ତ୍ର କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪

[ରୁଲ ୮(୧)] **ଦଖଲ ନୋଟିସ୍** (ଅସ୍ଥାବର/ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ପକ୍ଷରୁ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ପରିଶୋଧ କରିବା ପାଇଁ କୁହାଯାଇଥିଲା। ଋଣଗ୍ରହୀତାମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩(୪) ଅନୁଯାୟୀ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।** ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନଦର୍ଶିତ ଅର୍ଥରାଶି ସହ ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ବଲାଙ୍ଗୀର ଶାଖା (୧୬୯୧୧୦)/ **ଋଣଗ୍ରହୀତା: ଅଜିତ କୁମାର ଶତପଥୀ,** ପିତା: ୰ ନିଳମଣୀ ଶତପଥୀ / **ଗ୍ୟାରେଣ୍ଟିଦାତା: ଅର୍ଚ୍ଚନା ଶତପଥୀ,** ସ୍ୱାମୀ: ଅଜିତ କୁମାର ଶତପଥୀ, ଉଭୟଙ୍କ ଠିକଣା- ସା:ଟିକ୍ରାପଡା, ଆଇସିଆଇସିଆଇ ବ୍ୟାଙ୍କ ଲିଃ ନିକଟ, ପୋ/ଜିଲ୍ଲା: ବଲାଙ୍ଗୀର-୭୬୭୦୦୧ | ୨୯.୧୧.୨୦୨୩ / ୧୭.୦୨.୨୦୨୪ | ୩୧.୧୦.୨୦୨୩ ସୁଦ୍ଧା ଟ.୩୨,୮୧,୦୬୪.୬୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୧. ଅଜିତ କୁମାର ଶତପଥୀଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୩୧/୫୨୬, ପ୍ଲଟ୍ ନଂ.: ୬୬୪, କ୍ଷେତ୍ର: ଏକର୧.୭୧୫ଡିସିମିଲି, ମୌଜା: ବିଷ୍ଣୁମୁଣ୍ଡା, ତହସିଲ: ବଲାଙ୍ଗୀର, ଜିଲ୍ଲା: ବଲାଙ୍ଗୀର. ୨. ଅଜିତ କୁମାର ଶତପଥୀଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୭/୧୧୬, ପ୍ଲଟ୍ ନଂ.: ୧୧୦୫/୧୩୬୩, କ୍ଷେତ୍ର: ଏକର୦.୪୫ଡିସିମିଲି, ପ୍ଲଟ୍ ନଂ.: ୧୧୦୪, କ୍ଷେତ୍ର: ଏକର୦.୫୦ଡିସିମିଲି, ପ୍ଲଟ୍ ନଂ.: ୧୧୦୫, କ୍ଷେତ୍ର: ଏକର୦.୧୬ଡିସିମିଲି, ପ୍ଲଟ୍ ନଂ.: ୧୧୦୩, କ୍ଷେତ୍ର: ଏକର୦.୪୯ଡିସିମିଲି, ପ୍ଲଟ୍ ନଂ.: ୧୧୧୧/୧୧୯୦, କ୍ଷେତ୍ର: ଏକର୦.୧୦ଡିସିମିଲି, ପ୍ଲଟ୍ ନଂ.: ୧୧୧୨, କ୍ଷେତ୍ର: ଏକର୦.୩୩ଡିସିମିଲି ଏବଂ ପ୍ଲଟ୍ ନଂ.: ୧୧୧୧, କ୍ଷେତ୍ର: ଏକର୦.୧୮ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୨.୨୧୦ଡିସିମିଲି, ମୌଜା: ରାନ୍ଧା, ତହସିଲ: ପୁଇଁତଲା, ଜିଲ୍ଲା: ବଲାଙ୍ଗୀର |
| ବଲାଙ୍ଗୀର ଶାଖା (୧୬୯୧୧୦)/ **ଋଣଗ୍ରହୀତା: ଅଜିତ କୁମାର ଶତପଥୀ,** ପିତା: ୰ ନିଳମଣୀ ଶତପଥୀ / **ଗ୍ୟାରେଣ୍ଟିଦାତା: ଅର୍ଚ୍ଚନା ଶତପଥୀ,** ସ୍ୱାମୀ: ଅଜିତ କୁମାର ଶତପଥୀ, ଉଭୟଙ୍କ ଠିକଣା- ସା:ଟିକ୍ରାପଡା, ଆଇସିଆଇସିଆଇ ବ୍ୟାଙ୍କ ଲିଃ ନିକଟ, ପୋ/ଜିଲ୍ଲା: ବଲାଙ୍ଗୀର-୭୬୭୦୦୧ | ୨୯.୧୧.୨୦୨୩ / ୧୭.୦୨.୨୦୨୪ | ୩୧.୧୦.୨୦୨୩ ସୁଦ୍ଧା ଟ.୩୩,୦୦,୦୮୮.୪୫ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ଅଜିତ କୁମାର ଶତପଥୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୧୫୭/୧୦୯୮, ପ୍ଲଟ୍ ନଂ.: ୧୬୦୦ ୨୪୯୬/୩୮୯୮, କ୍ଷେତ୍ର: ଏକର୦.୧୧୫ଡିସିମିଲି, ମୌଜା: ସାଲେପାଲି, ଜିଲ୍ଲା: ବଲାଙ୍ଗୀର |
| ସୁନ୍ଦରଗଡ ଶାଖା (୩୧୩୩୦୦)/ ଋଣଗ୍ରହୀତା: ମେସର୍ସ ମୋଟେଲ ଆଇବି ଭ୍ୟାଲି, ସ୍ୱତ୍ୱାଧିକାରୀ: ଯୋଗେନ୍ଦ୍ର ସ୍ୱର୍ଣ୍ଣକାର, ଜଗନ୍ନାଥ ମନ୍ଦିର ନିକଟ, କାନାରା ବ୍ୟାଙ୍କ ବିଲ୍ଡିଂ, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୭୦୦୦୧ | ୩୧.୧୨.୨୦୨୨ / ୧୯.୦୨.୨୦୨୪ | ୧୭.୧୨.୨୦୧୮ ସୁଦ୍ଧା ଟ.୧୫,୭୦,୦୦୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ଯୋଗେନ୍ଦ୍ର ସ୍ୱର୍ଣ୍ଣକାରଙ୍କ ନାମରେ ଥିବା ସମ୍ପତ୍ତି (୨ ମହଲା ବିଲ୍ଡିଂ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୧୩୫, ପ୍ଲଟ୍ ନଂ.: ୪୩୩/୩୫୩୦/୩୫୩୫, କ୍ଷେତ୍ର: ଏକର୧.୦୦ଡିସିମିଲି, ପ୍ଲଟ୍ ନଂ.: ୪୩୩/୩୫୩୦/୩୭୦୩, କ୍ଷେତ୍ର: ଏକର୦.୫୦ଡିସିମିଲି, ମୌଜା: କରମଡିହି, ତହସିଲ: ସଦେଗା, ଜିଲ୍ଲା: ସୁନ୍ଦରଗଡ |
| ସୁନ୍ଦରଗଡ ଶାଖା (୩୧୩୩୦୦)/ ଋଣଗ୍ରହୀତା: ମେସର୍ସ ମହାବୀର ଏଣ୍ଟରପ୍ରାଇଜେସ୍, ଅଂଶୀଦାରମାନେ: ସୁଭମ କୁମାର ନାଏକ ଏବଂ ୰ ଭାରତୀ ନାଏକ, ସା: ମହୁଲପାଳି, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା | ୦୭.୦୩.୨୦୨୨ / ୧୯.୦୨.୨୦୨୪ | ୨୮.୦୨.୨୦୨୨ ସୁଦ୍ଧା ଟ.୧,୦୩,୬୯,୯୭୦.୮୯ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ବ୍ୟାଙ୍କର ଆର୍ଥିକ ସହାୟତାରେ ସା: ମହୁଲପାଲି, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶାରେ ସ୍ଥାପନ ହୋଇଥିବା କଳକବ୍ଜା, ଯନ୍ତ୍ରପାତି, ଫର୍ଣ୍ଣିଚର, ଫିକ୍ସଚର ଓ ଦ୍ରବ୍ୟର ସମସ୍ତ ଅଂଶବିଶେଷ ଏବଂ ଅନ୍ୟାନ୍ୟ ସମସ୍ତ ଅସ୍ଥାବର ସମ୍ପତ୍ତି |
| ସମ୍ବଲପୁର ଶାଖା (୦୪୪୨୦୦)/ **ଋଣଗ୍ରହୀତାମାନେ: ରାଜ କୁମାର ସିହ୍ନା ଏବଂ ବିଜୟ କୁମାର ସିହ୍ନା,** ଉଭୟଙ୍କ ପିତା: ଲଳନ ପ୍ରସାଦ ସିହ୍ନା, ସା: ଟିଚର୍ସ କଲୋନୀ, ବାଲାଜୀ ମନ୍ଦିର ନିକଟ, ପୋ: କ୍ଷେତରାଜପୁର, ଜିଲ୍ଲା: ସମ୍ବଲପୁର-୭୬୮୦୦୩ | ୨୮.୧୧.୨୦୨୩ / ୨୨.୦୨.୨୦୨୪ | ୩୧.୧୦.୨୦୨୩ ସୁଦ୍ଧା ଟ. ୬,୪୫,୮୨୭.୨୪ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ରାଜ କୁମାର ସିହ୍ନା** ଏବଂ **ବିଜୟ କୁମାର ସିହ୍ନା,** ଉଭୟଙ୍କ ପିତା: ଲଳନ ପ୍ରସାଦ ସିହ୍ନାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୬୮/୧୫୯, ପ୍ଲଟ୍ ନଂ.: ୮୨୪/୨୩୧୩, କ୍ଷେତ୍ର: ଏକର୦.୦୪୨ଡିସିମିଲି, ମୌଜା: ସମ୍ବଲପୁର ଟାଉନ, ୟୁନିଟ୍ ନଂ.: ୯, ତାଳଭଟ୍ଟ, ତହସିଲ: ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: କୌଶଳ ପ୍ରସାଦ ଯାଦବ, ଦକ୍ଷିଣ: ପ୍ଲଟ୍ ନଂ.: ୮୨୪ର ସଂଯୋଗ ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧୨, ପଶ୍ଚିମ: ପ୍ଲଟ୍ ନଂ.: ୮୨୪ର ସଂଯୋଗ ରାସ୍ତା |
| ଝାରସୁଗୁଡା ଶାଖା (୧୪୦୩୨୦)/ **ଋଣଗ୍ରହୀତା: ଶ୍ରୀମତୀ ରାଜକୁମାରୀ ପାଶୱାନ,** ସ୍ୱାମୀ: ବାସୁ ପାଶୱାନ / **ଗ୍ୟାରେଣ୍ଟିଦାତା: ଶ୍ରୀ ବାସୁ ପାଶୱାନ,** ଉଭୟଙ୍କ ଠିକଣା- ସା: ଚୌକିପଡା, ରେଲୱେ ଫାଟକ ନିକଟ, ଜିଲ୍ଲା: ଝାରସୁଗୁଡା-୭୬୮୨୦୧ | ୧୫.୧୨.୨୦୨୩ / ୨୨.୦୨.୨୦୨୪ | ୩୦.୧୧.୨୦୨୩ ସୁଦ୍ଧା ଟ. ୬,୮୬,୧୧୧.୬୪ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଶ୍ରୀମତୀ ରାଜକୁମାରୀ ପାଶୱାନଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୬୭/୨୧୦୩, ପ୍ଲଟ୍ ନଂ.: ୩୮୭୪/୭୧୧୪, କ୍ଷେତ୍ର: ଏକର୦.୦୨୬ଡିସିମିଲି, ପ୍ଲଟ୍ ନଂ.: ୩୮୭୫/୭୧୧୫, କ୍ଷେତ୍ର: ଏକର୦.୦୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୩୦ଡିସିମିଲି,** ମୌଜା: ଝାରସୁଗୁଡା ଟାଉନ ୟୁନିଟ୍ ନଂ.: ୧, ଏକତାଳି, ତହସିଲ: ଝାରସୁଗୁଡା, ଜିଲ୍ଲା: ଝାରସୁଗୁଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାଗିଣୀ ଶର୍ମା ଏବଂ ଶ୍ରୀମତୀ ଉଷା ଶର୍ମାଙ୍କ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୮୫୮, ପୂର୍ବ: ପ୍ଲଟ୍ ନଂ.: ୩୮୭୫ର ଅଂଶ, ପଶ୍ଚିମ: ରାସ୍ତା |

ସ୍ଥାନ : ସମ୍ବଲପୁର
ତାରିଖ : ୨୨.୦୨.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

# ମାଟ୍ରିକ୍ ପରୀକ୍ଷା ପରିଦର୍ଶକ ନିଯୁକ୍ତିରେ ସ୍ୱଚ୍ଛତା ନାହିଁ

**ରସୁଲପୁର,୨୨।୨(ରଞ୍ଜିତ ରାଉତ):**

- ଶିକ୍ଷାବିତ୍‌ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ
- ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି
- ପରୀକ୍ଷା ପରିଦର୍ଶକଙ୍କ କାଗଜ କଲମ ଦାୟିତ୍ୱ ନାହିଁ: ଜିଲା ଶିକ୍ଷାଧିକାରୀ



ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରି ପ୍ରିୟାପ୍ରୀତି ତୋଷଣ ପ୍ରକ୍ରିୟାରେ ଯାଜପୁର ଜିଲା ଶିକ୍ଷାଧିକାରୀ ଚଳିତ ମାଟ୍ରିକ ପରୀକ୍ଷା ପାଇଁ ପରିଦର୍ଶକ ନିଯୁକ୍ତି କରିଥିବା ଅଭିଯୋଗ ହୋଇଛି। ଏଥିରେ ରସୁଲପୁର ବ୍ଲକ ଅଞ୍ଚଳରେ ସ୍ଥିରୀକୃତ ୧୭ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ୨୪୮୮ ପରୀକ୍ଷାର୍ଥୀଙ୍କ ପରୀକ୍ଷା ସୁପରିଚାଳନା ପାଇଁ ୧୭ ପରିଦର୍ଶକ ନିଯୁକ୍ତ କରାଯାଇଛି। କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବାଠାରୁ କେନ୍ଦ୍ରରୁ ଉତ୍ତର ଖାତା ପଠାଇବା ପର୍ଯ୍ୟନ୍ତ କାର୍ଯ୍ୟ ତଦାରଖ ଦାୟିତ୍ୱ ପରୀକ୍ଷା କେନ୍ଦ୍ରରେ ନିଯୁକ୍ତ ପରିଦର୍ଶକମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏଥି ସକାଶେ ପ୍ରସ୍ତୁତ ତାଲିକାରେ ସ୍ୱଚ୍ଛତା ବଜାୟ ରଖିବା ବଦଳରେ କେତେଜଣ ଶିକ୍ଷକଙ୍କୁ ଖୁସି କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ଏହି ଅଭିଯୋଗକୁ ନେଇ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କୁ ପଚାରିବାରୁ ସେ କହିଛନ୍ତି, କେନ୍ଦ୍ରରେ ନିଯୁକ୍ତ ପରିଦର୍ଶକମାନଙ୍କ କୌଣସି କାଗଜକଲମ ଦାୟିତ୍ୱନାହିଁ। ସେମାନେ କେବଳ କେନ୍ଦ୍ରରେ କେଉଁଭଳି ଭାବେ ପରୀକ୍ଷା ପରିଚାଳନା ହେଉଛି ତା'କୁ ନିରୀକ୍ଷଣ କରିବେ। ସେମାନେ ଚାହିଁଲେ ସିଆର୍‌ସିସିମାନଙ୍କୁ ମଧ୍ୟ ପରିଦର୍ଶକ ନିଯୁକ୍ତି ଦେଇପାରିବେ। ପରିଦର୍ଶକମାନଙ୍କୁ ସ୍ୱତନ୍ତ୍ର ଭାବରେ ପ୍ରଶିକ୍ଷଣ ଦିଆଯାଇଛି। ସେମାନଙ୍କୁ ଦିଆଯାଇଥିବା ନିୟମାବଳୀ ଆଧାରରେ କାର୍ଯ୍ୟ କରିବେ ବୋଲି ଜିଲା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲା ଶିକ୍ଷାଧିକାରୀଙ୍କ ମତ ଏକ ଭିନ୍ନ ବାର୍ତ୍ତା ଦେଉଛି। ପରିଦର୍ଶକ ନିଯୁକ୍ତି ନେଇ ଉଦ୍ଦିଷ୍ଟ ନିୟମ ଏକ ଭିନ୍ନ କଥା କହୁଥିବାବେଳେ ଜିଲା ଶିକ୍ଷାଧିକାରୀଙ୍କ ମତାମତ ଓ ପରିଦର୍ଶକ ତାଲିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ରସୁଲପୁର ବ୍ଲକ ଅଧୀନରେ ୪୪ ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ସେଥିରୁ ୧୭ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର କରାଯାଇଛି। ଉକ୍ତ ୧୭ କେନ୍ଦ୍ରରେ ଜଣେ ଲେଖାଏ ପରିଦର୍ଶକଙ୍କୁ ନିଯୁକ୍ତି ଦିଆଯାଇଛି। ଉକ୍ତ ତାଲିକାରେ ୨ ପ୍ରଧାନ ଶିକ୍ଷକଙ୍କୁ ବାଦ୍ ଦେଲେ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ୨ ବରିଷ୍ଠ ଶିକ୍ଷକ ଓ ୧୨ ସହକାରୀ ଶିକ୍ଷକଙ୍କୁ ସାମିଲ କରାଯାଇଛି। କେନ୍ଦ୍ରର ପ୍ରଧାନଶିକ୍ଷକମାନେ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ସୁପରିଣ୍ଟେଣ୍ଡେଣ୍ଟ୍ ଓ ନିରୀକ୍ଷକମାନଙ୍କ କାର୍ଯ୍ୟକୁ ତଦାରଖ କରିବାକୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପରିଦର୍ଶକମାନଙ୍କୁ ନିଯୁକ୍ତ କରାଯାଇଛି। ଏଥିରେ ଦ୍ୱୀପାଞ୍ଚଳ ହାଇସ୍କୁଲ ଗନ୍ଧଣରୁ ୩ଜଣ, ଶ୍ରୀବନ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟରୁ ୨, ପଞ୍ଚାୟତ ହାଇସ୍କୁଲ-ପହଁଗାରୁ ଜଣେ ସହକାରୀ ଶିକ୍ଷକ ନିରୀକ୍ଷକ ଭାବେ ନିୟୋଜିତ ହୋଇଛନ୍ତି। ଏହି ବିଦ୍ୟାଳୟଗୁଡ଼ିକୁ କେବେ ହେଲେ ପରୀକ୍ଷା କେନ୍ଦ୍ର ଭାବରେ ଗ୍ରହଣ କରାଯାଇନାହିଁ। ଏହି ବିଦ୍ୟାଳୟରୁ ପରିଦର୍ଶକ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକମାନଙ୍କ ପରୀକ୍ଷା ପରିଚାଳନା ଅନୁଭୂତି ନାହିଁ କି ସେମାନେ ବରିଷ୍ଠ ତାଲିକାଭୁକ୍ତ ନୁହନ୍ତି ବୋଲି ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ସେମାନେ କେନ୍ଦ୍ରରେ କି ପ୍ରକାର ପରିଦର୍ଶକ କାର୍ଯ୍ୟକୁ ଅନୁପାଳନ କରିବେ ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଯାହାକୁ ରସୁଲପୁର ବ୍ଲକ ଅଞ୍ଚଳର ଶିକ୍ଷାବିତ୍, କେନ୍ଦ୍ରର ସୁପରିଟେଣ୍ଡେଣ୍ଟମାନେ ନାପସନ୍ଦ କରିଛନ୍ତି। ଶିକ୍ଷାବିତ୍‌ମାନଙ୍କ ମତରେ ସୁପରିଣ୍ଟେଣ୍ଡେଣ୍ଟଙ୍କ ପରୀକ୍ଷା ପରିଚାଳନା କାର୍ଯ୍ୟକୁ ନିରୀକ୍ଷଣ କରିବା ଦାୟିତ୍ୱ ଜଣେ ସହକାରୀ ଶିକ୍ଷକଙ୍କ ଉପରେ ଦିଆଗଲେ ନିରୀକ୍ଷଣ ମାନରକ୍ଷା ହୋଇପାରିବନାହିଁ। ଜଣେ ସହକାରୀ ଶିକ୍ଷକ ସେମାନଙ୍କ କାର୍ଯ୍ୟକୁ ତାଦରଖ କରିବା ଘଟଣାକୁ ସୁପରିଣ୍ଟେଣ୍ଡେଣ୍ଟମାନେ କେବେ ସହଜରେ ଗ୍ରହଣ କରି ପାରୁ ନ ଥିବେ। ନିୟମାନୁଯାୟୀ ପରିଦର୍ଶକ ଭାବରେ ଓଡ଼ିଶା ଶିକ୍ଷା ପ୍ରଶାସନିକ ଅଧିକାରୀ, ପ୍ରଧାନ ଶିକ୍ଷକ, ବରିଷ୍ଠ ଶିକ୍ଷକ ଓ ସହକାରୀ ଶିକ୍ଷାଧିକାରୀମାନଙ୍କୁ ନିଯୁକ୍ତ କରାଯାଇପାରିବ। ଏହିଭଳି ଅଧିକାରୀମାନଙ୍କ ଅଭାବ ସ୍ଥଳରେ ଓଡ଼ିଶା ରାଜସ୍ୱ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ଏହି ଦାୟିତ୍ୱ ଦିଆଯାଇପାରିବ। ତେବେ ଏହି ବ୍ଲକରେ ପରିଦର୍ଶକ ଭାବରେ ନିଯୁକ୍ତ ଅଧିକାଂଶ ସହକାରୀ ଶିକ୍ଷକ ବରିଷ୍ଠ ନୁହନ୍ତି କି ସେମାନଙ୍କ ପରୀକ୍ଷା ପରିଚାଳନା ଅନୁଭୂତି ରହିନାହିଁ। ଏହାବାଦ୍ ଏହି ବ୍ଲକରେ ପରୀକ୍ଷା କେନ୍ଦ୍ର ସ୍ଥିରୀକୃତରେ ଅନିୟମିତତା ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ପରୀକ୍ଷା କେନ୍ଦ୍ର ମୂଳ ବିଦ୍ୟାଳୟଠାରୁ ୫ କି.ମି. ଦୂରରେ ଅବସ୍ଥିତ ରହିବା ଉଚିତ ନୁହେଁ। ଏହି ନିୟମକୁ ଏଠାରେ ଖୋଲାଖୋଲି ଉଲଂଘନ କରାଯାଇଛି ବୋଲି କୁହାଯାଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆକାଶ



@ ମନୋରମା



@ ରୀତା



@ ସତ୍ୟଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜାଲରୁ ହରିଣକୁ ଉଦ୍ଧାରକଲେ ଗ୍ରାମବାସୀ

**ମହାକାଳପଡ଼ା,୨୨।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ସଂରକ୍ଷିତ ଜଙ୍ଗଲରୁ ଖାଦ୍ୟ ଓ ପାନୀୟ ଅନ୍ୱେଷଣରେ ଗାଁ ମୁହାଁ ହରିଣ ହେଉଛନ୍ତି। ଗୁରୁବାର ପୂର୍ବାହ୍ନରେ ଏକ ଚିତ୍ରା ହରିଣ ଖାଦ୍ୟ ଖାଇବା ପାଇଁ ସୁନିତି ପଞ୍ଚାୟତର କଣ୍ଟିଲୋ ଗ୍ରାମର ଜୟକୃଷ୍ଣ ଦାସଙ୍କ ବାଡ଼ିରେ ଲାଗିଥିବା ଜାଲ ପଡ଼ିଥିଲା। ହରିଣକୁ ଗ୍ରାମବାସୀ ଜାଲରୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେବାରେ କର୍ମଚାରୀମାନେ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ। ହରିଣକୁ ନିକଟସ୍ଥ କଣ୍ଟିଲୋ ସଂରକ୍ଷିତ ଜଙ୍ଗଲରେ ଛଡ଼ାଯାଇଥିବା ଜଗରଜୋର ଫରେଷ୍ଟର ରୋଜାଲିନ ଦାସ କହିଛନ୍ତି। ସାମାଜିକ କର୍ମୀ ସରୋଜ କୁମାର ପାଣି କହିଛନ୍ତି, ଅନେକ ସମୟରେ ଖାଦ୍ୟ, ପାଣି ଅଭାବ ଓ କୁକୁରଙ୍କ ଆକ୍ରମଣରେ ହରିଣ, ତାର ଛୁଆମାନେ ଜନବସତିକୁ ଆସୁଥିବା ନଜିର ରହିଛି। ଅପର ପକ୍ଷରେ କେତେକ ପେସାଗତ ଶିକାରୀମାନେ ଜଙ୍ଗଲ ନିକଟରେ ବିଦ୍ୟୁତ୍ ତାର, ଫାଶ, ଜାଲ ବସାଇ ଶିକାର କରୁଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ରେଞ୍ଜ ଅଧିକାରୀ କରି କାର୍ତ୍ତିକେଶ୍ୱର ଖଣ୍ଡାଇଙ୍କୁ ପଚାରିବାରେ ସୁନିତିରୁ ହରିଣ ଉଦ୍ଧାର କରାଯାଇଛି। ହରିଣର ଶିଙ୍ଗରେ ସାମାନ୍ୟ କ୍ଷେତ ହୋଇଥିବା ଦେଖିବକୁ ମିଳିଛି। ପରେ ନିକଟସ୍ଥ କଣ୍ଟିଲୋ ସଂରକ୍ଷିତ ଜଙ୍ଗଲରେ ହରିଣକୁ ଛଡ଼ି ଦିଆଯାଇଛି ବୋଲି ସେ କହିଛନ୍ତି।



ସୁନୀତି ପଞ୍ଚାୟତର କଣ୍ଟିଲୋ ଗାଁରୁ ଉଦ୍ଧାର ହୋଇଥିବା ହରିଣ।

# କାଏମା ପାହାଡ଼ରୁ ମୋରମ୍ ଲୁଟ ଉଦ୍ୟମ

## ଅଟକାଇଲେ ଗ୍ରାମବାସୀ

**କାଏମା,୨୨।୨(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ତହସିଲ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତରେ ଥିବା ଐତିହାସିକ କାଏମା ପାହାଡ଼ରୁ ମୋରମ୍ ଲୁଟ ପାଇଁ କେତେଜଣ ଯୁବକ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ବାସିନ୍ଦା ଏହାକୁ ଅଟକାଇଛନ୍ତି। କାଏମା ପାହାଡ଼ ବା ଗୋଗଳ ପାହାଡ଼ ପାଦଦେଶରେ ପ୍ରାଚୀନ ବୌଦ୍ଧ କୀର୍ତ୍ତି ସମ୍ପନ୍ନ ହାତିଆଶୁଣି ଅବସ୍ଥିତ। ୨୦୦୪ରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିପୁଳ ଟଙ୍କା ବ୍ୟୟରେ ଏହାର ସୋନ୍ଦର୍ଯ୍ୟକରଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହି ଐତିହାସିକ ବୌଦ୍ଧପୀଠ ହାତିଆଶୁଣି ନିଜର ପରିଚୟ ହଜାଇବାକୁ ବସିଲାଣି। ପାହାଡ଼କୁ ସୁରକ୍ଷା ଦେବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏହା ନଷ୍ଟ ହେଲାଣି। ପାହାଡ଼ ସୁରକ୍ଷା ନିମନ୍ତେ ଏହାଉପରେ ନିଷିଦ୍ଧ ଅଞ୍ଚଳ ବୋଡ ଲଗାଯାଇଥିଲା। କିନ୍ତୁ ତାହା ଆଉ ଦେଖିବାକୁ ମିଳୁନାହିଁ। ତେଣୁ ଅଭିନବ ଉପାୟରେ କିଏ ଗଛ କାଟି ବିକ୍ରି କରୁଛି ତ ଆଉ କିଏ ସ୍କୁଲ ଓ ମନ୍ଦିର ବାହାନାରେ ଏହାକୁ ଖୋଳି ମୋରମ୍ ଲୁଟ କରୁଥିବା ଦେଖିବାକୁ ମିଳୁଛି।

କେତେଜଣ ବ୍ୟକ୍ତି ପାହାଡ଼ ଉପରେ ଏକ ମନ୍ଦିର ନିର୍ମାଣ ବାହାନାରେ ପାହାଡ଼କୁ ଯିବା ପାଇଁ ରାସ୍ତା କରିବା ନିମନ୍ତେ ପାହାଡ ଖୋଳୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏଥିରେ ବ୍ୟବହୃତ ଜେସିବି ମେଶିନ ଓ ଟ୍ରାକ୍ଟରରେ ନମ୍ବର ନ ଥିଲା। ଲୋକେ ପଚାରିବାରୁ ସେମାନେ ଥାନା, ତହସିଲ ଓ ସ୍ଥାନୀୟ କେତେଜଣ ବ୍ୟକ୍ତିଙ୍କଠାରୁ ଅନୁମତି ଆଣିଥିବା କହିଥିଲେ। ହେଲେ କୌଣସି କାଗଜ ପତ୍ର ଦେଖାଇ ପାରି ନ ଥିଲେ। ସ୍ଥାନୀୟଲୋକେ ପ୍ରଶାସନ ସହ ଫୋନ ଯୋଗେ ଯୋଗାଯୋଗ କରି କୌଣସି ଅନୁମତି ନ ଥିବା ଜାଣିବାକୁ ପାଇଥିଲେ। ବେଆଇନ ଭାବେ ପାହାଡ଼ ଖୋଳିବା ଏବଂ ଲୁଚାଇ ମୋରମ ଲୁଟ କରାଯାଉଥିବା ଘଟଣା ସାମ୍ନାକୁ ଆସିବା ପରେ ଧସ୍ତାଧସ୍ତି ଆଡ଼କୁ କଥା ବଢ଼ିଥିଲା। ପରେ ଖୋଳୁଥିବା ବ୍ୟକ୍ତିମାନେ ମେଶିନ ଓ ଟ୍ରାକ୍ଟର ନେଇ ଚାଲି ଯାଇଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଆଗାମୀ ଦିନରେ ବେଆଇନ ବାଲି, ମୋରମ ଭଳି ଖଣିଜ ପଦାର୍ଥ ମନଇଚ୍ଛା ଲୁଟ ବିରୋଧରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ପାହାଡ଼ରୁ ମୋରମ୍ ଖୋଳିବା ପାଇଁ କାହାରିକୁ ଅନୁମତି ଦିଆଯାଇ ନାହିଁ।



ଲୁଟ୍ ପାଇଁ ପାହାଡ଼ ଖୋଳାଯାଇଛି।

# ୨ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**କେନ୍ଦ୍ରାପଡ଼ା,୨୨।୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଉପଜିଲାପାଳ କାର୍ଯ୍ୟାଳୟର ୨ଜଣ କର୍ମଚାରୀଙ୍କ ବିରୋଧରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଗୁରୁବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ଦୁଇ କର୍ମଚାରୀ ହେଲେ ଦିବ୍ୟରଞ୍ଜନ ବେହେରା ଓ ବିବେକାନନ୍ଦ ନାୟକ। ସେମାନେ କୌଣସି ଏକ ସରକାରୀ କାର୍ଯ୍ୟ ପାଇଁ ଲାଞ୍ଚ ମାଗୁଥିବା ସମ୍ପର୍କରେ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହାକୁ ଏଡିଏମ୍ ତଦନ୍ତ ପରେ ଦିବ୍ୟରଞ୍ଜନଙ୍କୁ ସସ୍‌ପେଣ୍ଡ କରିଥିବା ବେଳେ ବିବେକାନନ୍ଦଙ୍କୁ କନିକା ତହସିଲକୁ ବଦଳି କରାଯାଇଛି।

# ଶାଳିଜଙ୍ଗା ମହିମା ଆଶ୍ରମରେ ଚତୁର୍ଦ୍ଦଶୀ ମେଳା

## ଶ୍ରଦ୍ଧାଳୁଙ୍କ ଭିଡ଼

**ନାଉଗାଁ, ୨୨।୨(ସୁଧା ବେହୁରା)**

ଦ୍ୱିତୀୟ ଯୋରନ୍ଦା ନାମରେ ପରିଚିତ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ମହିମା ଆଶ୍ରମରେ ଗୁରୁବାର ମାଘ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିମା ଆଶ୍ରମର ବାବା ଗଦାଧର ଦାସ ଅଖଣ୍ଡ ଝାଡ ଦୀପ ଲଗାଇଥିଲେ। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ସମେତ ମହିମା ଅଲେଖ ଡାକରେ ଆଶ୍ରମ ପରିସର ପ୍ରକମ୍ପିତ ହୋଇ ଉଠିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁ ପ୍ରାତଃ ସମୟରୁ ଉକ୍ତ ପୀଠକୁ ଆସିଥିଲେ। ଶ୍ରଦ୍ଧାଳୁମାନେ ଧୁନିରେ ପକାଇବା ପାଇଁ ଘିଅ, ନଡିଆ, କଦଳୀ ଆଦି ସାଙ୍ଗରେ ଆଣିଥିଲେ। ମେଳା ଉପଲକ୍ଷେ ଆଶ୍ରମ ପରିସରରେ ଥିବା ଶୂନ୍ୟ ମନ୍ଦିର ତଥା ଅନ୍ୟାନ୍ୟ ମନ୍ଦିରଗୁଡ଼ିକୁ ରଙ୍ଗବେରଙ୍ଗର ଫୁଲରେ ସଜା ଯାଇଥିଲା। ସନ୍ଧ୍ୟା ସମୟରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ନାଉଗାଁ ଥାନା ଆଇଆଇସି ସଂଘମିତ୍ରା ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଦିନ ତମାମ ମହିମା ଧର୍ମାବଲମ୍ବୀମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା।



ଶାଳିଜଙ୍ଗା ମହିମା ଆଶ୍ରମରେ ଚତୁର୍ଦ୍ଦଶୀ ମେଳାରେ ଶ୍ରଦ୍ଧାଳୁଙ୍କ ଗହଳି।

# ବେଳାଭୂମିରେ କୁଆ ଖାଦ୍ୟ ପାଲଟିଛନ୍ତି ଅଲିଭ ରିଡ୍‌ଲେ



ସମୁଦ୍ର ବେଳାଭୂମିରେ ପଡ଼ିଥିବା ମୃତ ଅଲିଭ୍ ରିଡଲେ କଇଁଛଙ୍କୁ କୁଆ ଖାଉଛନ୍ତି।



ନିଷିଦ୍ଧାଞ୍ଚଳରେ ମାଛ ଧରୁଥିବା ଏକ ଟ୍ରଲରକୁ ବନ ବିଭାଗ କର୍ମଚାରୀ ଜବତ କରୁଛନ୍ତି।

**କେନ୍ଦ୍ରାପଡ଼ା, ୨୨।୨(ଜଗନ୍ନାଥ ଧଳ)**

- ନିଷିଦ୍ଧାଞ୍ଚଳ କଟକଣାକୁ ମାନୁନାହାନ୍ତି ମତ୍ସ୍ୟଜୀବୀ
- ରିପୋର୍ଟରେ ୯୯ ଅଲିଭ ରିଡ୍‌ଲେ ମୃତ, ବାସ୍ତବରେ ଅଧିକ
- ସାଢ଼େ ୩ ମାସରେ ୩୧ ବୋଟ୍ ଜବତ, ୩୦୩ ଗିରଫ
- ଗିରଫ ବ୍ୟକ୍ତିଙ୍କୁ ଜାମିନ ସହ ଜବତ ବୋଟ୍ ଶୀଘ୍ର ମିଳୁଛି

କେନ୍ଦ୍ରାପଡ଼ା ଜିଲାର ବିଶ୍ୱ ପ୍ରସିଦ୍ଧ ଗହୀରମଥା ଅନ୍ତୁଡିଶାଳରେ ଅଲିଭ ରିଡ୍‌ଲେ କାଇଁଛଙ୍କ ମୃତ୍ୟୁ ବଢ଼ିବାରେ ଲାଗିଛି। ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବିକ୍ଷିପ୍ତ ଭାବେ ମୃତ କଇଁଛଙ୍କୁ ଦେଖିବାକୁ ମିଳୁଛି। ବନ ବିଭାଗ ରିପୋର୍ଟରେ ମାତ୍ର ୯୯ଟି ଅଲିଭ ରିଡ୍‌ଲେ ମରିଥିବା ଦର୍ଶାଯାଇଛି। ଏହାକୁ ବାଲିରେ ପୋତାଯାଇଛି। କିନ୍ତୁ ବାସ୍ତବରେ ଏମାନଙ୍କ ସଂଖ୍ୟା ଅଧିକ ହେବ ବୋଲି କୁହାଯାଉଛି। ମୃତ କଇଁଛ ସମୁଦ୍ର ବେଳାଭୂମିରେ ଲାଗିଲା ପରେ ଏହା କୁଆଙ୍କ ଖାଦ୍ୟ ପାଲଟିଛି। ନିଷିଦ୍ଧାଞ୍ଚଳରେ ବୋଟ୍, ଟ୍ରଲର ପଶି ଆସିଥିବା ଦର୍ଶାଇ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉଛି। କଟକଣାର ୩ ମାସ ୨୧ ଦିନ ମଧ୍ୟରେ ମୋଟ ୩୧ ବୋଟ୍ ଓ ଟ୍ରଲର ଜବତ ହୋଇଛି। ୩୦୩ ଜଣ ମତ୍ସ୍ୟଜୀବୀ ଗିରଫ ହୋଇଛନ୍ତି। ଅପରପକ୍ଷରେ ବୋଟ୍‌ଗୁଡ଼ିକ କୋର୍ଟରୁ ତୁରନ୍ତ ଖଲାସ ହେଉଛି। ସେହିପରି ଗିରଫ ମତ୍ସ୍ୟଜୀବୀଙ୍କୁ ଶୀଘ୍ର ଜାମିନ ମିଳିଯାଉଥିବାରୁ କଟକଣାର ସୁଫଳ ମିଳୁନାହିଁ। ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏକ ପ୍ରକାର ଅସୁରକ୍ଷିତ ହୋଇପଡ଼ିଛି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପ୍ରକୃତିପ୍ରେମୀ ମନୋଜ କୁମାର ନାୟକ କହିଛନ୍ତି, ୨୦୨୩ ନଭେମ୍ବରରୁ ୨୦୨୪ ମେ ମାସ ପର୍ଯ୍ୟନ୍ତ ଗହୀରମଥାର ସାମୁଦ୍ରିକ ଅଞ୍ଚଳକୁ ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପାଇଁ କଟକଣା କରାଯାଇଛି। ଏହି ସମୟରେ ବନ ବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷୀ ବାହିନୀ ପକ୍ଷରୁ ସମୁଦ୍ର ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା କଥା। ଅବାଧ ଭାବେ ବୋଟ୍, ଟ୍ରଲର ଚଳାଚଳ ଫଳରେ ବନ ବିଭାଗ ରିପୋର୍ଟଠାରୁ ବହୁ ଅଧିକ କଇଁଛଙ୍କ ମୃତ୍ୟୁ ହୋଇଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ସତ୍ତ୍ୱେ ବୋଟ୍, ଟ୍ରଲରରେ ଟିଇଡି (ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ) ବ୍ୟବହାର ହେଉନାହିଁ। ଏହି ଡିଭାଇସ୍ ଲାଗିଲେ ବୋଟ୍ ଓ ଟ୍ରଲରରେ କଇଁଛ ମାଡ଼ ହେବେ ନାହିଁ। ଫଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ସଂଖ୍ୟା କମିବ। ସେହିପରି ବନ ବିଭାଗର ବୋଟ୍‌ଗୁଡିକ ଅଧିକାଂଶ କମ୍ ଶକ୍ତି ସମ୍ପନ୍ନ। ଏଥିସହ ବୋଟଗୁଡ଼ିକ ଖରାପ ରହୁଛି। ପୂର୍ବରୁ କଟକଣା ଅବଧି ମଧ୍ୟରେ ଜବତ ବୋଟ୍ ଓ ଟ୍ରଲର ଛାଡ ପାଉ ନ ଥିଲେ। ଏବେ ଜବତ ବୋଟ୍‌ଗୁଡ଼ିକ କୋର୍ଟରୁ ତୁରନ୍ତ ରିଲିଜ ହେଉଥିବାରୁ ମଲିକମାନେ ମାଛଧରା କାର୍ଯ୍ୟରେ ଲଗାଇବାକୁ ସକ୍ଷମ ହେଉଛନ୍ତି। ସାମୁଦ୍ରିକ ଜୀବ ସୁରକ୍ଷା ସମିତିର ସଭାପତି ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, କଇଁଛଙ୍କ ଅଣ୍ଡାଦେବା ସ୍ଥାନ ଏବେ ସଙ୍କଟରେ ଅଛି। ବାବୁବାଲି, ମାଦଳି, ଏକକୁଳା ଆଦିରେ ତଟକ୍ଷୟ ଜାରି ରହିଛି। ବନ ବିଭାଗ ଏହି ଅଞ୍ଚଳର ତଟକ୍ଷୟ ପ୍ରତି ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସୁରକ୍ଷା ଯୋଗାଇବା କଥା। ତେବେ ଏଥିନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପୂର୍ବରୁ ଚନ୍ଦ୍ରଭାଗା ଓ ହରଚଣ୍ଡୀ ତଟାଞ୍ଚଳକୁ ଅଲିଭ ରିଡ୍‌ଲେ ଆସୁଥିଲେ। ପରିବେଶ ନଷ୍ଟ ଓ ବେଆଇନ ଟ୍ରଲର ଚଳାଚଳ ଯୋଗୁ ୨୦୧୨ ମସିହାରୁ ଏହି ଅଞ୍ଚଳରେ ଅଲିଭ ରିଡ୍‌ଲେ କଇଁଛ ସମୂହ ଅଣ୍ଡାଦାନ କରିବାକୁ ଆସୁନାହାନ୍ତି। ପ୍ରାୟ ୧୦୦୦ ଅଣ୍ଡାରୁ ମାତ୍ର ଗୋଟିଏ ଏହି ବିରଳ କଇଁଛ ପ୍ରାପ୍ତ ବୟସ୍କ ହେଉଥିବାରୁ ଏହାର ସୁରକ୍ଷା ନିହାତି ଜରୁରୀ। ସାମୁଦ୍ରିକ ଅଞ୍ଚଳରେ ବେଆଇନ ଭାବେ ଗିଲ ନେଟର ବ୍ୟବହାର, ସଂରକ୍ଷିତ ଭିତରକନିକା ଅଞ୍ଚଳରେ ବେଆଇନ ବସବାସ ଓ ଚିଙ୍ଗୁଡ଼ି ଘେରି ଅଲିଭ ରିଡ୍‌ଲେଙ୍କ ପାଇଁ ବିପଦ ସାଜିଛି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କୁ ପଚାରିବାରେ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ୩ ମାସ ୨୧ ଦିନ ମଧ୍ୟରେ ୩୧ ବୋଟ୍, ଟ୍ରଲର ସମେତ ୩ ଶହରୁ ଅଧିକ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ବାବୁବାଲି ଓ ମାଦଳିରେ ସ୍ୱତନ୍ତ୍ର କ୍ୟାମ୍ପ ସହ ସାମୁଦ୍ରିକ ପାଟ୍ରୋଲିଂ ହେଉଛି। ବିଭାଗୀୟ ୫୦ କର୍ମଚାରୀ ଏଥିରେ ଦିନରାତି ନିୟୋଜିତ ହୋଇଛନ୍ତି। ବିକ୍ଷିପ୍ତ ଭାବେ ଅଣ୍ଡାଦାନ କରିଥିବା କଇଁଛଙ୍କ ଅଦ୍ୟାବଧି ୯୫୦ଟି ଅଣ୍ଡା ସଂଗ୍ରହ କରାଯାଇଛି। ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ଥାନାରୁ ସହଯୋଗ ମିଳୁନାହିଁ ବୋଲି ସେ କହିଛନ୍ତି।

# ଖାଉଟି ସୁରକ୍ଷା ଆଇନ ଅପହଞ୍ଚ

ନୟାଗଡ଼,୨୨।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଅଧିକାଂଶ ପେଟ୍ରୋଲ ପମ୍ପରେ ଅପମିଶ୍ରିତ ତେଲ ବିକ୍ରି ହେଉଛି। ଏହାର ଧରପଗଡ଼ କରାଯାଉନି। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ସେହିପରି ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳୁନି ବୋଲି ଅଭିଯୋଗ ରହିଛି। ତେବେ ନୟାଗଡ଼ ଜିଲାରେ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ସରକାରୀ ନିୟମକୁ ଫୁ କରି ଗ୍ରାହକଙ୍କୁ ସେବା ଯୋଗାଉ ନାହାନ୍ତି। ଗ୍ରାହକଙ୍କୁ ଆନୁସଙ୍ଗିକ ସୁବିଧା ନ ଯୋଗାଇ କେବଳ ପେଟ୍ରୋଲ ଓ ଡିଜେଲ ପକାଇ ଟଙ୍କା ରୋଜଗାର କରିବାରେ ଲାଗି ପଡିଛନ୍ତି। ଗ୍ରାହକ ସୁବିଧା ପାଇଲା କି ନାହିଁ ତଦାରଖ ହେଉନି। ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ପାଇଁ କ'ଣ ସୁବିଧା ରହିଛି ସେନେଇ ପ୍ରଶାସନ ପକ୍ଷରୁ ମଧ୍ୟ ସଚେତନତା କରାଯାଉ ନାହିଁ। ଜିଲାର ସଦର ମହକୁମାରେ ସେବା ମିଳୁ ନ ଥିବାବେଳେ ଗ୍ରାମାଞ୍ଚଳ ଓ ଅନ୍ୟସହର ଗୁଡିକରେ ଏହି ସେବା ମିଳୁନି। ଏଭଳିସ୍ଥିତିରେ ଜିଲାର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଥିବା ପେଟ୍ରୋଲ ପମ୍ପର ସ୍ଥିତିକୁ ଅନୁଧ୍ୟାନ କଲେ ଖାଉଟିଙ୍କ ପାଇଁ ଖାଉଟି ସୁରକ୍ଷା ଆଇନ ଅପହଞ୍ଚ ହୋଇ ରହି ଯାଇଥିବାର ଅନୁଭବ କରାଯାଉଛି।

ପେଟ୍ରୋଲ ପମ୍ପରେ ଅଭିଯୋଗ ରେଜିଷ୍ଟାର ରଖିବାକୁ ନିୟମ ରହିଥିଲେହେଁ ଜିଲାର କୌଣସି ପେଟ୍ରୋଲ ପମ୍ପରେ ଏହି ସୁବିଧା ଉପଲବ୍ଧ ନାହିଁ। ଅଭିଯୋଗ ରେଜିଷ୍ଟର ପେଟ୍ରୋଲ ପମ୍ପରେ ରଖିଲେ ଗ୍ରାହକ କ'ଣ ଅସୁବିଧାର ସମ୍ମୁଖୀନ ହେଲା, ସେବା ପାଇଲା କି ନାହିଁ ସେନେଇ ଉଲ୍ଲେଖ କରି ପାରନ୍ତେ। ତେଲ କମ୍ପାନୀ କର୍ତ୍ତୃପକ୍ଷ ଏହାର ଯାଞ୍ଚ କରି ଗ୍ରାହକଙ୍କୁ ସେବା ଯୋଗାଇବା ପାଇଁ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଅନ୍ତେ। ତେବେ ଗ୍ରାହକଙ୍କ ଅଭିଯୋଗ ପାଇଁ ବ୍ୟବସ୍ଥା ରଖିଲେ ଟେନସନ ବଢ଼ିବ। ସମାଧାନ କରିବା କାଠିକର ପାଠ। ଠକେଇ କରିବାରେ ଅସୁବିଧା ହେବ। ଏଣୁ ଏ ଦିଗକୁ କେହି ଚିନ୍ତା କରୁ ନାହାନ୍ତି।

ପେଟ୍ରୋଲ ପମ୍ପରେ ପ୍ରେସର ଚେକ୍ ବ୍ୟବସ୍ଥା ଓ ପାନୀୟ ଜଳ ରଖିବା ବାଧ୍ୟତାମୂଳକ। ପେଟ୍ରୋଲ ଓ ଡିଜେଲ ପକାଉଥିବା ଗାଡ଼ି ଚାଳକମାନେ ମାଗଣାରେ ପ୍ରେସର ଚେକ୍ କରି ପାରିବେ। ତେବେ କାଁ ଭାଁ ସ୍ଥାନକୁ ଛାଡିଦେଲେ ଅଧିକାଂଶ ପେଟ୍ରୋଲ ପମ୍ପରେ ପ୍ରେସର ଦେବା ମେଶିନ୍ ନାହିଁ। ଅଧିକାଂଶ ସ୍ଥାନରେ ବ୍ୟବସ୍ଥା ରହିଛି ଅଥଚ କର୍ମଚାରୀ ନିୟୋଜିତ କରାଯାଇ ନାହିଁ। କେଉଁଠି କେବଳ ନାମମାତ୍ର ପ୍ରେସର ଚେକ୍ ମେଶିନ୍ ରଖାଯାଇ ଖରାପ ଅଛି ବୋଲି ସଫେଇ ଦିଆଯାଉଛି। ସେହିଭଳି କିଛି ସ୍ଥାନରେ ପାନୀୟ ଜଳ ସୁବିଧା କରାଯାଇଛି। ହେଲେ ଏହାକୁ ପେଟ୍ରୋଲ ପମ୍ପ କର୍ମଚାରୀ କାମରେ ଲଗାଉଛନ୍ତି। ଗ୍ରାହକଙ୍କୁ ଏହି ସେବା ବି ଦିଆଯାଉନି। ଅନେକ ପେଟ୍ରୋଲ ପମ୍ପରେ ପାନୀୟଜଳ ସୁବିଧା କରାଯାଇନି। ତେବେ କାଗଜପତ୍ରରେ ସୁବ କିଛି ଠିକ୍ ରହିଛି। ସେହିଭଳି କେତେକ ପେଟ୍ରୋଲ ପମ୍ପରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କେତୋକାଂଶରେ ଅଛି ଅଥଚ ତାହା କାମ କରୁନି।

ପେଟ୍ରୋଲ ପମ୍ପରେ ପାଇଖାନା ସୁବିଧା, କମ୍ପୁଟର ବିଲ୍, ମାଗଣା କଲ ବ୍ୟବସ୍ଥାର ସୁବିଧା ଦେବା ପାଇଁ ସରକାରୀ ନିୟମ ରହିଛି। ହେଲେ ଏ ସବୁ ସୁବିଧା ସ୍ୱପ୍ନ। ପେଟ୍ରୋଲ ଓ ଡିଜେଲ ପକାଇଲେ ବିଲ୍ ଦେଉ ନାହାନ୍ତି। ବିଲ୍ ମାଗିଲେ ହାତ ଲେଖା ବିଲ୍ ବହୁ ସମୟ ଅପେକ୍ଷା ପରେ ଧରାଉଛନ୍ତି। ଅଧିକାଂଶ ପେଟ୍ରୋଲ ପମ୍ପରେ ହାତଲେଖା ବିଲ୍ ମିଳୁ ନ ଥିବାବେଳେ କମ୍ପୁଟର ବିଲ୍ ପାଇବା ଆଶା ରଖିବା ନିରର୍ଥକ। ତେଲ ପକାଉଥିବା ଚାଳକ ଗୋଟିଏ ମାଗଣା ଟେଲିଫୋନ କରିବାର ସୁବିଧା ରହିଛି। ଏହି ସୁବିଧା ଆଦୌ କୌଣସି ପେଟ୍ରୋଲ ପମ୍ପରେ କରାଯାଇନି। ପାଇଖାନା ସୁବିଧା ୯୫ ପ୍ରତିଶତ ସ୍ଥାନରେ ନାହିଁ। କେତେକ ସ୍ଥାନରେ ଏହା ରହିଥିଲେ ମଧ୍ୟ ତାହା କର୍ମଚାରୀଙ୍କ ପାଇଁ ଉର୍ଦ୍ଦିଷ୍ଟ ବୋଲି ଶୁଣିବାକୁ ମିଳୁଛି। ନୟାଗଡ଼ର ରବି ନାୟକ ଓ ବ୍ରଜବନ୍ଧୁ ସାହୁ କୁହନ୍ତି, ଗ୍ରାହକଙ୍କ ଅଭିଯୋଗ ଅନୁସାରେ ଅତର୍କିତ ଭାବେ ପେଟ୍ରୋଲ ପମ୍ପରେ ଚଢ଼ାଉ କରାଯାଉନି। ଯଦ୍ୱାରା ସେମାନେ ଗ୍ରାହକଙ୍କୁ ଭୁଆଁ ବୁଲାଉଛନ୍ତି। ଅପମିଶ୍ରଣ ପେଟ୍ରୋଲ ଡିଜେଲ ପକାଇ ଲାଭବାନ ହେଉଛନ୍ତି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଲେ ଗ୍ରାହାକ ଉପକୃତ ହୋଇ ପାରନ୍ତେ।

# ଅତ୍ୟାଧୁନିକ ଗ୍ରନ୍ଥାଗାର ଲୋକାର୍ପିତ


ବିଧାୟକ ଅରୁଣ ସାହୁ ଗ୍ରନ୍ଥାଗାରକୁ ଲୋକାର୍ପଣ କରୁଛନ୍ତି।

ନୟାଗଡ଼,୨୨।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାର ପୁରୁଣା ସହରରେ ଅତ୍ୟାଧୁନିକ ଗ୍ରନ୍ଥାଗାର ଗୁରୁବାର ଲୋକାର୍ପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ଓ ଜିଲାପାଳ ସ୍ୱାଧଦେବ ସିଂ ଯୋଗ ଦେଇ ଲୋକାର୍ପିତ କରିଛନ୍ତି। ନୟାଗଡ଼ ଟାଉନ ହଲ୍‌ରେ ୧କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରିତ କରାଯାଇ ଗ୍ରନ୍ଥାଗାର ନିର୍ମାଣ କରାଯାଇଛି। ଗ୍ରନ୍ଥାଗାରରେ ଅନେକ ପୁସ୍ତକ ରହିଥିବା ବେଳେ ଇ-ଲାଇବ୍ରେରୀର ସୁବିଧା ରହିଛି। ଏହି ଅବସରରେ ଦକ୍ଷିଣକାଳୀଙ୍କ ମଣ୍ଡାବାଗନ ପରିସରରେ ଗୁରୁବାର ସନ୍ଧ୍ୟାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାଗଡ଼ ବିକାଶ, ଉନ୍ନତୀ ଏବଂ ଗ୍ରନ୍ଥାଗାର ସମ୍ପର୍କିୟ ବୃତ୍ତଚିତ୍ର ଦ୍ୱାରା ଜନସାଧାରଣ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପାଠାଗାରକୁ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜଣେ ଲାଇବ୍ରେରୀଆନ ସହ ପୌର ପରିଷଦର କେତେଜଣ କର୍ମଚାରୀ ଏହି ଦାୟିତ୍ୱରେ ରହିଛନ୍ତି। ଏହା ସହିତ ଗୋଟିଏ ମିଶନ ଶକ୍ତି ଗୋଷ୍ଠୀକୁ ଏହାର ଦାୟିତ୍ୱ ପ୍ରଦାନ କରାଯାଇଛି। ପାଠାଗାର ପରିବେଶରକୁ ସ୍ୱଚ୍ଛ ରଖିବା ଏବଂ ସମସ୍ତ ଉପକରଣ ରକ୍ଷଣାବେକ୍ଷଣ ପାଇଁ ଏସ୍‌ଏଚ୍‌ଜିକୁ ନିୟୋଜିତ କରାଯାଇଛି।

# ୧୦ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

ଖଣ୍ଡପଡ଼ା,୨୨।୨
(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝର ଗ୍ରାମଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ମୁଖ୍ୟରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ଚାଲିଛି। ଏଥିପାଇଁ ମାଟି ଖୋଳା ଯିବା ସମୟରେ ପାଣି ପାଇପ ଲାଇନ ଫାଟି ଯାଇଛି। ଫଳରେ ଗତ ୧୦ ଦିନ ଧରି କିଆଝର ପଞ୍ଚାୟତର ଗୋଛାବାରୀ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଗ୍ରାମବାସୀ ନିକଟରେ ଥିବା ଏକ ଫ୍ଲୋରାଇଡଯୁକ୍ତ ନଳକୂପରୁ ପାଣି ବ୍ୟବହାର କରୁଛନ୍ତି। ପାଇପ୍ ଲାଇନ ମରାମତି ଦିଗରେ ପଞ୍ଚାୟତ, ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ନତୁବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଏ ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସାଂପ୍ରତିକ ପରିସ୍ଥିତିରେ ଗ୍ରୀଷ୍ମର ପ୍ରକୋପ ସମୟାନୁକ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମବାସୀଙ୍କ ଜଳକଷ୍ଟ ଦୂର ନିମନ୍ତେ ତୁରନ୍ତ ପାଇପ ଲାଇନ ମରାମତି ଦିଗରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସେମିଫାଇନାଲରେ ରାଜପଟଣା ଟିମ୍


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଖଣ୍ଡପଡ଼ା,୨୨।୨(ଅଜୟ କୁମାର ମହାରଣା)

**ଜିଲାସ୍ତରୀୟ ପଠାଣି ସାମନ୍ତ କପ୍ ଫୁଟବଲ ଟୁର୍ନାମେଣ୍ଟ**

ଖଣ୍ଡପଡ଼ା ମଧୁବନ ମିନିଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ଚାଲିଥିବା ପଠାଣି ସାମନ୍ତ କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ୪ର୍ଥ ଦିବସ ମ୍ୟାଚ୍‌ରେ ରାଜପାଟଣା ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଖୋର୍ଦ୍ଧା ଫୁଟବଲ କ୍ଲବ୍‌କୁ ରାଜପାଟଣା ଫୁଟବଲ ଟିମ ଟ୍ରାଇବେକର ପଦ୍ଧତିରେ ୫-୪ ଗୋଲରେ ପରାସ୍ତ କରିବା ପରେ ସେହି ସଫଳତା ପାଇଛି। ଉଭୟ ଦଳର ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ନିୟମ ଅନୁଯାୟୀ ଟ୍ରାଇବ୍ରେକର ପଦ୍ଧତିରେ ବିଜୟୀ ଦଳ ଘୋଷଣା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ତଥା ଭାପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୟାଧର ପରିଡ଼ା ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ସମୀର ଖୁଣ୍ଟିଆ, ଜଗନ୍ନାଥ ପରିଡା, ସୂର୍ଯ୍ୟକାନ୍ତ ଦଳବେହେରା ଓ ତପନ ସାହୁ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ, ସୁଶାନ୍ତ କୁମାର ମହାରଣା, ତୋଫାନ ଗୁରୁ,ସତ୍ୟପ୍ରିୟ ଦାସ, ଅନୁପ ଶତପଥୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶୁକ୍ରବାର ଇଟାମାଟି ଫୁଟବଲ କ୍ଲବ ସହିତ ନୟାଗଡ଼ ଫୁଟବଲ ଟିମର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି।

# ମା' ଭାନୁମତୀ ମନ୍ଦିରର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୨୨।୨(ଅଜୟ କୁମାର ମହାରଣା)

ବଡ଼ବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମ ନିକଟ ହଟିଆପଲ୍ଲୀଠାରେ ମା'ଭାନୁମତୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବର ଗୁରୁବାର ଉଦ୍‌ଯାପନୀ ଦିବସ ମହାସମାରୋହରେ ସମ୍ପନ୍ନ ହୋଇଛି। ବାଣପୁର ପଞ୍ଚାୟତର ପଞ୍ଚପଲ୍ଲୀ ନାମରେ ପରିଚିତ ରତନପୁର, ଘଣାଶାଳିଆ, ହଟିଆପଲ୍ଲୀ, ବାଞ୍ଛପଲ୍ଲୀ ଓ ଭ୍ରମରବର ପ୍ରସାଦ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁରୁବାର ଘୃତଯଜ୍ଞ, ଚଣ୍ଡୀପାଠ ଅନୁଷ୍ଠିତ ହୋଇ ଅପରାହ୍ନ ସାଢେ ୪ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଛି। ଅପରାହ୍ନରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପୌରାଣିକ ନାଟକ 'ମହିରାବଣ ବଧ' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଓ ଗ୍ରାମବାସୀ ଯୋଗଦେଇଥିଲେ। ମା'ଭାନୁମତୀ ଦେବୀ କମିଟି ପକ୍ଷରୁ ବିଭୁତି ଭୂଷଣ ପ୍ରଧାନ ଓ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଖେଳଣା ବନ୍ଧୁକ ଦେଖାଇ ଦାଦାବଟି ମାଗୁଥିଲେ
# ଜେଲଗଲେ ଅଭିଯୁକ୍ତ

ନୟାଗଡ଼,୨୨।୨(ଲୋକନାଥ ମିଶ୍ର)

ପ୍ଲାଷ୍ଟିକ ବନ୍ଧୁକ ଦେଖାଇ ଦାଦାବଟି ମାଗିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଶରଣକୁଳ ଥାନା ବଡକୁରୁଣି ଗାଁର ଅକ୍ଷୟ ନାୟକ(୫୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅକ୍ଷୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ମଙ୍ଗଳବାର ବୁଗୁଡାରୁ ଏକ କାର ନୟାଗଡ଼ ଅଭିମୁଖେ ଆସୁଥିଲା। କାରକୁ ମଙ୍ଗଳବାର ସନ୍ଧ୍ୟାରେ ଲେଙ୍କୁଡିପଡ଼ାଠାରେ ପ୍ଲାଷ୍ଟିକବନ୍ଧୁକଦେଖାଇ ବଡ଼କୁରୁଣିଗାଁର ଅକ୍ଷୟ ଗାଡ଼ିଅଟକାଇ ଦାଦା ବଟି ୧ ଲକ୍ଷ ମାଗିଥିଲେ। ଘଟଣା ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୬/୨୪)ରୁଜୁ କରି ତଦନ୍ତ କରିଥିଲା। ପରେ ଅକ୍ଷୟଙ୍କୁ ଗିରଫ କରାଯାଇଥିଲା।

# ସରକାରଙ୍କୁ ଅବଗତ କରାଇଲେ ଅଧ୍ୟକ୍ଷ
## ଅଧାପିକା ଅଧାପକଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଭିଡିଓ ଭାଇରାଲ ଘଟଣା

ନୟାଗଡ଼,୨୨।୨(ଲୋକନାଥ ମିଶ୍ର)

ନୟାଗଡ଼ ସହରର ଦୁଇ ମହାବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଭିଡିଓ ଭାଇରାଲ ଘଟଣା ଖବର ଧରିତ୍ରୀରେ ଗୁରୁବାର ପ୍ରକାଶ ପାଇବା ପରେ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଅଧ୍ୟାପକଙ୍କ କାରନାମା ଯୋଗୁ ମହାବିଦ୍ୟାଳୟ ବଦନାମ ହୋଇଥିବାରୁ ଅଧ୍ୟକ୍ଷ ଅଧ୍ୟାପକଙ୍କ କାରନାମା ନେଇ ଅବଗତ କରାଇଛନ୍ତି। ସଂପୃକ୍ତ ଅଧ୍ୟାପକଙ୍କୁ ମହାବିଦ୍ୟାଳୟରୁ ସ୍ଥାନାନ୍ତର କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଅଧ୍ୟକ୍ଷ ଗଣମାଧ୍ୟମ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷେ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ଦାବି ଉଠିଲାଣି।

# ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ

ଭାପୁର,୨୨।୨(ଭରତ କୁମାର ବେହେରା)

ଭାପୁର ବଜାର ନିକଟସ୍ଥ ତହସିଲ କାର୍ଯ୍ୟାଳୟ ସାମ୍ନାରେ ସରକାରୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଛି। ହେଲେ କେତେଜଣ ବ୍ୟକ୍ତି ଘରଦ୍ୱାର କରିବା ଓ ଦୋକାନ କ୍ୟାବିନ ପକାଇ ଜବରଦସ୍ତ ଜବରଦଖଲ କରିଥିଲେ। ଭାପୁର ତହସିଲ ପକ୍ଷରୁ ଏହାକୁ ଉଚ୍ଛେଦ କରାଯାଇଛି। ତହସିଲଦାରଙ୍କ ପୂର୍ବ ସୂଚନା ମୁତାବକ ଜେସିବ ଦ୍ୱାରା ଘରକୁ ଭଙ୍ଗା ଯାଇଛି।

ସୂଚନା ଅନୁଯାୟୀ, ଭାପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ବାସିନ୍ଦା ବହୁଦିନ ଧରି ବେଆଇନ ଭାବେ ସରକାରୀ ଜାଗାକୁ ଦଖଲ କରିବା ସହ ଘର କରି ପରିବାର ସହ ରହି ଆସୁଥିଲେ। ମାତ୍ର ଉକ୍ତ ଜାଗା ଉପରେ ଭାପୁର ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭାପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜାଗା ଚିହ୍ନଟ କରାଯାଇଥିଲା। ଭାପୁର ତହସିଲ ପକ୍ଷରୁ ଉଚ୍ଛେଦ କରିବା ପାଇଁ ବାରମ୍ବାର ନୋଟିସ ଦିଆଯାଇ ଥିଲେ ମଧ୍ୟ ଉକ୍ତ ଜାଗାରେ ବେଆଇନ ଭାବେ ଦଖଲରେ ଥିବା ବ୍ୟକ୍ତିମାନେ ଉଠି ନ ଥିଲେ। କିଛି ବର୍ଷ ତଳେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଛେଦ ସମୟରେ ସେହି ବ୍ୟକ୍ତି ବିଷପାନ କରିଥିଲେ ଫଳରେ ସେତେବେଳ ଉଚ୍ଛେଦ ବନ୍ଦ ରହିଥିଲା। ଭାପୁର ତହସିଲଦାର ଲଗ୍ନଜିତ ବେହେରାଙ୍କ ତତ୍ତ୍ୱାବଧାନରେ ଜେସିବ ମେଶିନ ସାହାଯ୍ୟରେ ଉକ୍ତ ଘରଗୁଡିକୁ ଭଙ୍ଗାଯାଇ ଉଚ୍ଛେଦ କରାଯାଇଛି। ଏଥିସହ ଭାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଚେରୀ ନିକଟରେ ବେଆଇନ ଭାବେ ଜବରଦଖଲ କରି ମାଂସ ଦୋକାନକୁ ମଧ୍ୟ ଉଚ୍ଛେଦ କରାଯାଇଥିଲା। ଜବରଦଖଲ ଉଚ୍ଛେଦ ସମୟରେ ତହସିଲ କାର୍ଯ୍ୟାଳୟର କର୍ମଚାରୀ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ଫତେଗଡ଼ ଥାନାଧିକାରୀ ସୁଜିତ କୁମାର ଦାସ, ଭାପୁର ବିଟ୍ ହାଉସ ଅଧିକାରୀ ସଞ୍ଜୟ କୁମାର ପରିଡ଼ା ଓ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୂତୟନ ରହିଥିଲେ।


ଜବରଦଖଲ ଉଚ୍ଛେଦ କରାଯାଉଛି।

# ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗୋଷ୍ଠୀ କେନ୍ଦ୍ର ଅନୁଦାନକୁ ନେଇ ବିବାଦ

ନୂଆଗାଁ,୨୨।୨(ଧନେଶ୍ୱର ସାହୁ)

ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଗୋଟିଏ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଅନୁଦାନ ଦିଆଯାଇଥିବା ବେଳେ ତାହା ଅନ୍ୟ ଏକ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାମରେ ବିନିଯୋଗ ହେଉଛି। ଏହି ଅନୁଦାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ଗ୍ରାମର ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା ଏ ସଂକ୍ରାନ୍ତରେ ବୁଧବାର ନୂଆଗାଁ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ ନୟାଗଡ଼ ଜିଲା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହେଉଥିବା ଅନୁଷ୍ଠାନ ଯାହାକି ନୂଆଗାଁ ବ୍ଲକ ବାହାଡାଖୋଲା ଜଗନ୍ନାଥ ମନ୍ଦିର ନିକଟରେ ରହିଛି ତାହା ନାନା ସମସ୍ୟା ଦେଇ ଗତି କରୁଛି। ଏପରିକି ସେମାନଙ୍କ ନିମନ୍ତେ ଭଲ ଘରଟିଏ ନାହିଁ। ଦୀର୍ଘ ବର୍ଷ ହେଲା ନିର୍ମାଣ ହୋଇଥିବା ଗୃହରେ ଉକ୍ତ ଅନୁଷ୍ଠାନର ସମସ୍ତ କାର୍ଯ୍ୟ କରିବାକୁ ପଡୁଛି। ବାରମ୍ବାର ଗୁହାରୀ ସତ୍ତ୍ୱେ ଉକ୍ତ ଅନୁଷ୍ଠାନ ପାଇଁ କୌଣସି ସରକାରୀ ଅନୁଦାନ ମିଳି ନ ଥିଲା। ଆମ ଓଡିଶା ନବୀନ ଓଡିଶାରେ ଧାର୍ମିକ ଅନୁଷ୍ଠାନକୁ ଅଗ୍ରାଧିକାର ଭିତ୍ତିରେ ଅନୁଦାନ ଦିଆଯାଉଥିବା ଜାଣି ଏହି ଅନୁଷ୍ଠାନ ପକ୍ଷରୁ ଅନୁଦାନ ପାଇଁ ଆବେଦନ କରାଯାଇଥିଲା। ଉକ୍ତ ଯୋଜନାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିବା ପାଇଁ ସରକାର ୨.୫୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ତେବେ ଉକ୍ତ ଅନୁଦାନକୁ ଆବେଦନ କରିଥିବା ଅନୁଷ୍ଠାନକୁ ଦେବା ପରିବର୍ତ୍ତେ ଗଞ୍ଜାମ ଜିଲା ବ୍ରହ୍ମପୁର ଦ୍ୱାରା ପରିଚାଳିତ ବାହାଡାଖୋଲାଠାରେ ଥିବା ଅନ୍ୟ ଏକ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ତେବେ କେତେଜଣ ନେତା ଓ ପ୍ରଶାସନିକ କର୍ମଚାରୀ ନିଜ ଜିଲାର ଅନୁଷ୍ଠାନକୁ ଅଣଦେଖା କରି ବାହାର ଜିଲାର ଅନୁଷ୍ଠାନକୁ ଗୁରୁତ୍ୱ ଦେଇ ଚତୁରତାର ସହ ଏଭଳି କରିଥିବା ଅଭିଯୋଗକାରୀ କହିଛନ୍ତି। ଏହାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ପାଇଁ ଅଭିଯୋଗକାରୀ ବିଡିଓଙ୍କୁ ଗୁହାରୀ କରିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ କର୍ମଚାରୀଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ବାସୁଦେବ ନାୟକ କହିଛନ୍ତି।


ବିଡିଓଙ୍କୁ ଅଭିଯୋଗ ପତ୍ର ଦେବାକୁ ଆସିଥିବା ଲୋକମାନେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆକାଶ


@ ମନୋରମା


@ ରୀତା


@ ସତ୍ୟଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

